## ସଂକ୍ଷେପରେ

### ବ୍ୟାସନଗର ପ୍ରେସ୍ ଫୋରମର ବାର୍ଷିକ ଉତ୍ସବ ପ୍ରସ୍ତୁତି

ଯାଜପୁରରୋଡ୍,୨୧।୧୨(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ପ୍ରେସ ଫୋରମର ବାର୍ଷିକ ଉତ୍ସବ ଲାଗି ଏକ ପ୍ରସ୍ତୁତି ବୈଠକ ଜେମ୍ବ ସ୍କୁଲ ପରିସରସ୍ଥିତ ଫୋରମ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଭୟ ପତିଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ମଳୟ କୁମାର ମଲ୍ଲିକ ଜାନୁଆରୀ ୧୦ରେ ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ସୂଚନା ଦେଇଥିଲେ। ଉତ୍ସବରେ ଚିକିତ୍ସକ, କ୍ରୀଡ଼ାବିତ, ଶିକ୍ଷାବିତ, ସଙ୍ଗଠକ, ସାମ୍ବାଦିକ ୨ଜଣ(ମୁଦ୍ରିତ ଓ ବୈଦ୍ୟୁତିକ), ସିନେ କଳାକାର, ଶିଳ୍ପ, ସମାଜସେବୀ ଆଦି ୧୦ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏନେଇ ମନୋନୟନ କମିଟିର ଦ୍ୱାରା ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ମହାଳିକ, ଉପସଭାପତି ଦୟାନିଧି ନାୟକ, କାର୍ଯ୍ୟାଳୟ ସଂପାଦକ ବାଇଧର ମାଝୀ, ବରିଷ୍ଠ ସଦସ୍ୟ ଆଶୁତୋଷ ମିଶ୍ର, ସୁଶାନ୍ତ ଭୂୟାଁ, ମାନସ ଆଏଚ, ଦୀପକ ଦାସ, ପ୍ରଶାନ୍ତ କୁମାର ଗେଡି ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଉପସଭାପତି ଦୟାନିଧି ନାୟକ ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବରୀ,୨୧।୧୨(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ୍ ଅଧୀନ ବ୍ରଜବନ୍ଧୁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ନାଥଶର୍ମାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ସଦସ୍ୟ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଚିରନ୍ତନ ନାଥଶର୍ମା ମୁଖାଗ୍ନି ଦେଇଥିଲେ। ଶର୍ମା ବ୍ରଜବନ୍ଧୁ ନୋଡାଲ ବିଦ୍ୟାଳୟରୁ ଶିକ୍ଷାଦାନ ଆରମ୍ଭ କରି ସେହି ବିଦ୍ୟାଳୟରୁ ଅବସର ନେଇଥିଲେ। ସେ ଶିକ୍ଷାଦାନ କରିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଏକ



ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଙ୍କ ମୃତ୍ୟୁଖବର ପାଇ ପ୍ରଫେସର ଦେବପ୍ରସାଦ ସାମଲ, ଧନେଶ୍ୱର ଗେଡି, ଅଲିପୁର ସରପଞ୍ଚ ମଧୁସ୍ମିତା ବେହେରା, ପ୍ରାକ୍ତନ ଅଧ୍ୟକ୍ଷ ଅଲେଖ ଜେନା, ପ୍ରମୋଦ କୁମାର ନାଥ, ବିବେକାନନ୍ଦ ମିଶ୍ର, ଶମ୍ଭୁନାଥ ଶର୍ମା ଓ ଧନେଶ୍ୱର ନାଥଙ୍କ ସମେତ ବରୀ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ଶିକ୍ଷକ ତାଙ୍କ ବାସଗୃହରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଶୋକ ପ୍ରକାଶ କରିଛନ୍ତି।

# ଆଧାର କେନ୍ଦ୍ରରେ ଶୋଷଣ

ଜାଏମା,୨୧।୧୨(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଆଧାରକେନ୍ଦ୍ରରେ ଆଧାର କାର୍ଡରେ ନାମ, ଜନ୍ମ ତାରିଖ ଓ ଫିଙ୍ଗର ପ୍ରିଣ୍ଟ ବାୟୋମେଟ୍ରିକ ଅପ୍‌ଡେଟ୍ କରାଯାଉଛି। ଏଥିପାଇଁ ଲୋକଙ୍କଠାରୁ ମନଇଚ୍ଛା ଅର୍ଥ ଆଦାୟ କରାଯାଇ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି।

ଆଧାରକୁ ସରକାରୀ କ୍ଷେତ୍ରରେ ଉଭୟ ପରିଚୟପତ୍ର ଓ ଠିକଣା ପ୍ରମାଣ ପତ୍ର ପାଇଁ ବ୍ୟବହାର କରାଯାଉଛି। ଚାକିରି ଏବଂ ବ୍ୟାଙ୍କ ଖାତାରେ ସିଧାସଳଖ ସବ୍‌ସିଡି ଅର୍ଥ ପାଇବା ପାଇଁ ଆଧାରକାର୍ଡ ବାଧ୍ୟତାମୂଳକ କରାଯାଇଛି। ସେଥିପାଇଁ ପ୍ରତ୍ୟେକ ବ୍ଲକ ଅଧୀନରେ ୬ ଆଧାର ଅଧିକାରୀ ରହିବା ବ୍ୟବସ୍ଥା କରାଯାଇଛି। ସେହିପରି ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ବ୍ଲକ ପରିସରରେ ଆଧାର କେନ୍ଦ୍ର କରିବା ନିମନ୍ତେ ବ୍ୟବସ୍ଥା ରହିଥିଲେ ସୁଦ୍ଧା ଏହା ଠିକଢଙ୍ଗରେ କାର୍ଯ୍ୟକାରୀ ହେଉନାହିଁ। ଆଧାର କାର୍ଡରେ ନାମ, ଜନ୍ମତାରିଖ, ଲିଙ୍ଗ, ମୋବାଇଲ ନମ୍ବର

### ଆଧାର ସଂଶୋଧନ କଲେ ଦେବାକୁ ପଡୁଛି ଅଧିକ ଟଙ୍କା




ବଦଳାଇବା ପାଇଁ ୫୦ଟଙ୍କା ଓ ଫିଙ୍ଗର ପ୍ରିଣ୍ଟ ବାୟୋମେଟ୍ରିକ ଅପଡେଟ ନିମନ୍ତେ ୧୦୦ଟଙ୍କା ଅର୍ଥ ଦେବାକୁ ବ୍ୟବସ୍ଥା ରହିଛି। କିନ୍ତୁ ଧର୍ମଶାଳା ବ୍ଲକ ପ୍ରଶାସନର ଖାମଖିଆଲି ମନୋଭାବ ପାଇଁ ବହୁ ଦିନ ହେବ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଆଧାର କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଏହାର ଫାଇଦା ନେଇ କେତେଜଣ ଅସାଧୁବ୍ୟକ୍ତି ଏହାକୁ ବ୍ୟବସାୟ କରି ସାରିଲେଣି। ବିଭିନ୍ନ ଦୋକାନରେ ଆଧାର କେନ୍ଦ୍ର ମାଧ୍ୟମରେ ତ ଆଉ କିଏ ନିଜ ଘରେ ଆଧାର କେନ୍ଦ୍ର ବୋର୍ଡ ମାରି ଲୋକଙ୍କୁ ଶୋଷଣ କରିବାରେ ଏମାନେ ବ୍ୟସ୍ତ। ନରସିଂହପୁର ଅଞ୍ଚଳର ଶ୍ରୀକାନ୍ତ ସାହୁ ତାଙ୍କ ୬ବର୍ଷର ଝିଅ ଶ୍ରୀୟା ସାହୁଙ୍କ ଫିଙ୍ଗର ପ୍ରିଣ୍ଟ ବାୟୋମେଟ୍ରିକ ଅପଡେଟ ପାଇଁ କାଏମାରେ ଥିବା ଏକ ଦୋକାନକୁ ଯାଇଥିଲେ। ଏଥିପାଇଁ ତାଙ୍କୁ କେନ୍ଦ୍ର ତରଫରୁ ପୂର୍ବରୁ ୧୫୦ଟଙ୍କା କୁହାଯାଇଥିଲା। ପରେ ୨୦୦ଟଙ୍କା ଜୋର୍ ଜବରଦସ୍ତ ନିଆଯାଇଥିଲା। ଏହି ଘଟଣାକୁ ଶ୍ରୀକାନ୍ତ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିବା ସହ ଅନ୍ୟ ସ୍ଥାନରେ ଏପରି ଠକାମି କରା ଯାଉଛି କି ନାହିଁ ପ୍ରଶ୍ନ କରିଥିଲେ। ଏହିପରି ଅନେକ ଲୋକଙ୍କଠାରୁ ଗୋଟିଏ ଭୁଲକୁ ସଂଶୋଧନ ପାଇଁ ଜଣ ପ୍ରତି ୨୦୦ରୁ ୨୫୦ ଟଙ୍କା ଲେଖାଏ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଜଣେ ଜଣେ ବ୍ୟକ୍ତିଙ୍କ ଦୁଇରୁ ଅଧିକ ଭୁଲ ରହିଛି। ଏକାଥରେ ସବୁ ଭୁଲକୁ ସଂଶୋଧନ କରିବା ଆଧାର ପ୍ରକ୍ରିୟାରେ ଉପଲବ୍ଧ ନାହିଁ। ଫଳରେ ଜଣେ ଲୋକଙ୍କୁ ଆଧାର କାର୍ଡରେ ମୋବାଇଲ ନମ୍ବର ଯୋଡ଼ିବା ଏବଂ ସଂଶୋଧନ କରିବା ପାଇଁ ପାଖାପାଖି ୧ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏ ସମ୍ପର୍କରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ପଚାରିବାରେ ସେ କହିଛନ୍ତି, ବ୍ଲକ୍ ପରିସରରେ ଥିବା ଆଧାର କେନ୍ଦ୍ର ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ଅନ୍ୟପକ୍ଷରେ ଯେଉଁମାନେ ଅଧିକ ଅର୍ଥ ଆଦାୟ କରୁଛନ୍ତି ଅଭିଯୋଗ ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୩ ବର୍ଷର ନେହାଶ୍ରୀ




ବରୀ,୨୧।୧୨(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ ଅଧୀନ ଅଟିରା ପଞ୍ଚାୟତର ୩ବର୍ଷର ଶିଶୁକନ୍ୟା ନେହାଶ୍ରୀ ସାମଲ ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସରେ ସ୍ଥାନ ଅର୍ଜନ କରିଛନ୍ତି। ଶିଶୁଜଣକ ନିର୍ଭୁଲ ଭାବରେ ବର୍ଷକ ୧୨ ମାସ, ୬ ଋତୁ, ଶରୀର ୧୫ ଅଙ୍ଗପ୍ରତ୍ୟଙ୍ଗ, ୧୨ ରଙ୍ଗ, ୧୧ ଜାତୀୟ ଚିହ୍ନ, ୧୪ ଫଳ, ୧୭ ପ୍ରାଣୀ, ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧିଲାଭ କରିଥିବା ୧୫ ବ୍ୟକ୍ତି, ୧୦ ପନିପରିବା, ୯ଜଣ ସମ୍ପର୍କୀୟଙ୍କ ଓଡ଼ିଆ ସଂଜ୍ଞାର ଇଂଲିଶ ଭାଷାରେ ପରିବର୍ତ୍ତନ, ୩୬ ପୌରାଣିକ ବିଷୟବସ୍ତୁ, ୨୫ ସାଧାରଣ ଜ୍ଞାନ ପ୍ରଶ୍ନର ଉତ୍ତର, ବର୍ଷର ଦିନ, ସପ୍ତାହ, ମାସର ନାମ, ୭ ଶ୍ଲୋକ ଆବୃତ୍ତି, ୭ ମହାଦେଶ ଓ ରାଜଧାନୀ ସମ୍ପର୍କରେ ସୂଚନା ପ୍ରଦାନ, ଭାରତର ୨୮ ରାଜ୍ୟର ନାମ ଭଳି କେତେକ ଜଟୀଳ ପ୍ରଶ୍ନକୁ ନିର୍ଦ୍ଧାରିତ ସମୟରେ ନିର୍ଭୁଲ ଭାବରେ ପରିପ୍ରକାଶ କରି ତାଙ୍କ ମାନସିକ ଦକ୍ଷତାର ପରୀକ୍ଷା ଦେଇଥିଲେ। ତାଙ୍କର ବୁଦ୍ଧିମତାକୁ ପରିପ୍ରକାଶ କରିବାରେ ମା' ମଧୁସ୍ମିତା ସାମଲ, ବାପା ଧର୍ମେନ୍ଦ୍ର ସାମଲ, ମାମୁଁ ଶ୍ରୀକାନ୍ତ ଖୁଣ୍ଟିଆଙ୍କ ପ୍ରମୁଖ ଭୂମିକା ରହିଛି। ଏହି ସଫଳତା ପାଇଁ କୁନି ଝିଅ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସମ୍ପର୍କୀୟମାନେ ତାଙ୍କ ଅଭିଭାବକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ସିଂହପୁର,୨୧।୧୨(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଉତ୍ତରକୂଳସ୍ଥିତ ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ବିଶ୍ୱାପୂଜିତା ଦ୍ୱିବେଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥିଭାବେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଞ୍ଜିତା କୁମାରୀ ଦାସ, ବିଡିଓ ହିତାଂଶୁ ସାମଲ, ଜିଲା ପରିଷଦ ସଭ୍ୟା ଆହଲ୍ୟା ସ୍ୱାଇଁ, ପୂର୍ବତନ ବିଇଓ ଅର୍ଣ୍ଣଦା ପ୍ରସାଦ ରଣା, ସ୍ଥାନୀୟ ସରପଞ୍ଚ ପ୍ରୀତିକୃଷ୍ଣ ଜେନା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ବିଜୟ ପରମାଣିକ ଏବଂ ଯତୀନ କର ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର, ମାନପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ସୁନୀଲ କୁମାର ମାଲିକ ଧନ୍ୟବାଦ ଦେଇଥିଲେ।

### ଜାତୀୟ ରାଜପଥ କଡ଼ରୁ ମହିଳାଙ୍କ ମୃତଦେହ ଜବତ

ଧର୍ମଶାଳା,୨୧।୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବାରବାଟି ଛକ ନିକଟରୁ ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ମିଳି ପାରିନାହିଁ। ତାଙ୍କ ବୟସ ଆନୁମାନିକ ୪୫ ବର୍ଷ ହେବ। ସେ ଜଣେ ମାନସିକ ବିକୃତ ମହିଳା ବୋଲି ପୋଲିସ ଅନୁମାନ କରୁଛି। ମହିଳା ଜଣକ ଜାତୀୟ ରାଜପଥରେ ଯାଉଥିବାବେଳେ ଅଜଣା ଗାଡି ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି। ଏନେଇ ଥାନାରେ ନଂ.୨୬/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ସିଂହପୁର,୨୧।୧୨(ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ସିଂହପୁର କାକୁଡ଼ି ପଡ଼ିଆଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଶଶାଙ୍କ ଶେଖର ଖିଲାର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସଙ୍କୁଳ ପ୍ରମୁଖ ଗଗନ ବିହାରୀ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରସନ୍ନ ବିଶ୍ୱାଳ, ସମ୍ପାଦକ ସୁଶାନ୍ତ ସାମଲ, ଉପସଭାପତି ଗାୟତ୍ରୀ ଧଳ, ସହସମ୍ପାଦକ ରତ୍ନାକର ସାହୁ, ନିର୍ମଳ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବୀରକିଶୋର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ଲମ୍ବଡିଆ, ଉଚ୍ଚ ଡିଆଁ ଓ ସର୍ଟପୁଟ ପ୍ରତିଯୋଗିତା କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଖରସ୍ରୋତା ମହାବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସଙ୍କୁଳ ପ୍ରମୁଖ ଗଗନ ବିହାରୀ ବେହେରା, ବାଇଧର ନାୟକ, ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ମାର୍ଗଦର୍ଶନ କରିଥିଲେ।

## ଜିଲାସ୍ତରୀୟ କଳିଙ୍ଗ ଭଲିବଲ ଟ୍ରଫି ଉନ୍ମୋଚିତ

ରସୁଲପୁର,୨୧।୧୨(ରଂଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ଚଣ୍ଡିପୁର ଉପ୍ରା ବିଦ୍ୟାଳୟ ଖେଳ ପଡିଆରେ ରବିବାରଠାରୁ ପଞ୍ଚମ ବାର୍ଷିକୀ ଦିବାରାତ୍ର କଳିଙ୍ଗ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ଶନିବାର ଟ୍ରଫି ଉନ୍ମୋଚନ ପର୍ବ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ପାଠାଗାର କାର୍ଯ୍ୟକର୍ତ୍ତା ଓ ଚଣ୍ଡିପୁର ଗ୍ରାମର ଶତାଧିକ ଯୁବକ ଯୋଗଦେଇ ଟ୍ରଫି ଉନ୍ମୋଚନ କରିଥିଲେ। ପରେ ଏନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏକ ସୁ-ସଜ୍ଜିତ ଗାଡିରେ ଟ୍ରଫିକୁ ରଖାଯାଇ କୁଆଖିଆ ବାଜର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରା ଚଣ୍ଡିପୁର ଗ୍ରାମ ପରିକ୍ରମା କରିବା ସମୟରେ ଟ୍ରଫିକୁ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କଳିଙ୍ଗ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟ ୨ଦିନ ଧରି ଜାରି ରହିବ ବୋଲି ଆୟୋଜକମାନଙ୍କ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି। ପ୍ରଥମ ଦିବସରେ ଜିଲାସ୍ତରୀୟ ଦକ୍ଷ ଭଲି ଦଳଙ୍କୁ ନେଇ ମ୍ୟାଚ୍ ଅନୁଷ୍ଠିତ ହେବ। ଦ୍ୱିତୀୟ ଦିନରେ ଆଞ୍ଚଳିକ ଦଳଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଭୟ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଦଳ ଓ ଖେଳାଳିଙ୍କୁ ପୁରସ୍କୃତ କରାଯିବ।



ଟ୍ରଫିକୁ ଶୋଭାଯାତ୍ରାରେ ନିଆଯାଉଛି।

## ଫ୍ଲିପ୍‌କାର୍ଟ ଅଫିସରୁ ୫ ଲକ୍ଷ ଲୁଟିଲେ ୨ କର୍ମଚାରୀ

ଚଣ୍ଡିଖୋଲ,୨୧।୧୨(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲଛକସ୍ଥିତ ଫ୍ଲିପ୍‌କାର୍ଟ ଅଫିସରେ କାର୍ଯ୍ୟରତ ୨ କର୍ମଚାରୀ ଅଫିସରୁ ୫ ଲକ୍ଷ ଟଙ୍କା ନେଇ ଫେରାର ହୋଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜିଲା ଗୁଣ୍ଡୁଣି ଗ୍ରାମର ଗତିଶ୍ୱର ସ୍ୱାଇଁ ଓ ଚନ୍ଦନ ଗୁରୁ ଉକ୍ତ ଅଫିସରେ କାର୍ଯ୍ୟ କରନ୍ତି। କମ୍ପାନୀକୁ ଆସୁଥିବା ଅର୍ଥରୁ ଏମାନେ ଗତ ୧୫ ତାରିଖରେ ୫ ଲକ୍ଷ ଟଙ୍କା ନେଇଛନ୍ତି। ଏ ସମ୍ପର୍କରେ କମ୍ପାନୀର କ୍ଲଷ୍ଟର ମ୍ୟାନେଜର ତୁଷାର ରଞ୍ଜନ ଦାସ ଶନିବାର ବଡ଼ଚଣା ଥାନାରେ ଅଭିଯୋଗ କରିଛନ୍ତି। ସେ ଜଣାଇଛନ୍ତି, ୨ କର୍ମଚାରୀ ୧୫ ତାରିଖରୁ ଫେରାର ହେବା ପରେ କମ୍ପାନୀ ପକ୍ଷରୁ ତାଙ୍କ ଗ୍ରାମକୁ ଯାଇ ଖୋଜା ଖୋଜି କରାଯାଇଥିଲା। ହେଲେ ସେଠାରେ ତାଙ୍କୁ ଦେଖିବାକୁ ମିଳି ନଥିଲା। ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ ମଧ୍ୟ କିଛି ଫଳପ୍ରଦ ହୋଇ ନ ଥିଲା। ଅନ୍ୟପକ୍ଷରେ ଏହି କମ୍ପାନୀର ବଡ଼ଚଣାଠାରେ ଏକ କାର୍ଯ୍ୟାଳୟ ଥିବାବେଳେ ସେଠାରୁ ମଧ୍ୟ ୨ ବର୍ଷରେ ଦୁଇଥର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା।

## ୨୩ରୁ ଯାଜପୁର ପୁସ୍ତକ ମହୋତ୍ସବ

ଯାଜପୁର ଟାଉନ,୨୧।୧୨ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି) : ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଯାଜପୁର ଜିଲା ପ୍ରଶାସନ ଓ ଯାଜପୁର ଅନନ୍ୟା ସାହିତ୍ୟ ସଂସଦ ମିଳିତ ଅନୁକୂଲ୍ୟରେ ଆସନ୍ତା ୨୩ରୁ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ଯାଜପୁର ପୁସ୍ତକ ମହୋତ୍ସବ କୁସୁମା ପଡ଼ିଆଠାରେ ଅନୁଷ୍ଠିତ ହେବ। ଏଥିରେ ଏକେ ମିଶ୍ର, କଲ୍ୟାଣୀ, ବିକେ ପବ୍ଲିକେସନ୍, ଚିତ୍ରୋତ୍ପଳା, ଗୀତା ପବ୍ଲିକେସନ୍ସ, କଟକ ଲ' ହାଉସ୍, କୋଲକାତାର ଓଲ୍ଡ ବୁକ୍ସ, ସତ୍ୟନାରାୟଣ ବୁକ୍‌ଷ୍ଟୋର, ସତ୍ୟମ୍ ବୁକ୍ସ ଏବଂ ଓଡ଼ିଶା ଓ ଓଡ଼ିଶା ବାହାରର ବହୁ ନାମୀ ଦାମୀ ପୁସ୍ତକ ପ୍ରକାଶକ ଓ ବିକ୍ରେତା ସେମାନଙ୍କ ଷ୍ଟଲ୍ ଖୋଲିବେ। ଶିଶୁମାନଙ୍କ ପାଇଁ ଉପାଦେୟ ଡିଜିଟାଲ ତଥା ବିଭିନ୍ନ ଚିତ୍ର ସମ୍ବଳିତ ପୁସ୍ତକ ଓ ଉପକରଣ, ବୁଦ୍ଧିଜୀବୀଙ୍କ ନିମିତ ବହୁ କେନ୍ଦ୍ର ଓ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପୁସ୍ତକ, କବିତା ଓ ଗଳ୍ପ ସଂକଳନ, ଧର୍ମଗ୍ରନ୍ଥ ସ୍ୱନାମଧନ୍ୟ ପ୍ରାବନ୍ଧିକ ଗାଳ୍ପିକ ଓ ଔପନ୍ୟାସିକଙ୍କ ରଚିତ ପୁସ୍ତକ ମହୋତ୍ସବରେ ଉପଲବ୍ଧ ହେବ। ମୁକ୍ତ କୁଇଜ୍, ବକ୍ତୃତା, ଚିତ୍ରାଙ୍କନ ନୃତ୍ୟ, ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଲୋଚନାଚକ୍ର, ଅନୁଷ୍ଠିତ ହେବ। କୁଇଜ୍ ପ୍ରତିଯୋଗିତାରେ ତତ୍କାଳ ପୁରସ୍କାର ଏବଂ ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରାପ୍ତ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ବିଭିନ୍ନ ଅନୁଷ୍ଠାନ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ପରିବେଷଣ କରାଯିବ। ପ୍ରତ୍ୟହପୁସ୍ତକ ମହୋତ୍ସବ ଦିବା ୨ଟାଠାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ। କବି ସମ୍ମିଳନୀ, କବିତା ପାଠୋତ୍ସବ, ବ୍ୟଙ୍ଗ କବି ସମ୍ମିଳନୀ ଇତ୍ୟାଦି ଅନୁଷ୍ଠିତ ହେବ। ଫୁଡ୍ ପ୍ଲାଜା ଓ ଘରକରଣା ଉପକରଣ ମଧ୍ୟ ମେଳାରେ ଉପଲବ୍ଧ ହେବ। ଓଡ଼ିଶାର ଯଶସ୍ୱୀ ବକ୍ତାମାନେ ସନ୍ଧ୍ୟା ଅଧିବେଶନରେ ସେମାନଙ୍କର ବକ୍ତୃତା ପ୍ରଦାନ କରିବା ସହ ପୁସ୍ତକ ଲୋକାର୍ପଣ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଓଡ଼ିଆ ଅସ୍ମିତା ଓ ଯାଜପୁର ସଂସ୍କୃତି ସଂପର୍କିତ ଆଲୋଚନା ଏବଂ କବିସମ୍ମିଳନୀ, କବିତା ପାଠୋତ୍ସବ ତଥା ଓଡ଼ିଶା ଭାଷା ପକ୍ଷରୁ କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କ ଓଡ଼ିଆ ସାହିତ୍ୟକୁ ଅବଦାନ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ପୁସ୍ତକ ମହୋତ୍ସବରେ ଭାଗନେବାକୁ ସଂସଦ ତରଫରୁ ସମସ୍ତ ଲେଖକ, ପ୍ରକାଶକ, କବି, ଗାଳ୍ପିକ, ଅନୁବାଦକ, ପ୍ରାବନ୍ଧିକ, ସମୀକ୍ଷକ, ପୁସ୍ତକ ବିକ୍ରେତା, ପାଠକ, ବୁଦ୍ଧିଜୀବୀ, ଅଭିଭାବକ, ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀ ଅଧ୍ୟାପକ, ଅଧ୍ୟାପିକା, ସ୍କୁଲ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କୁ ଅନୁରୋଧ କରାଯାଇଛି।

## ନାଟକ 'ଜୟ ସତ୍ୟନାରାୟଣ' ମଞ୍ଚସ୍ଥ

ଧର୍ମଶାଳା,୨୧।୧୨(ବଟକୃଷ୍ଣ ପରିଡା): ଧର୍ମଶାଳା ବ୍ଲକ ଅଧୀନ ଜାରକା ଲକ୍ଷ୍ମୀ ନାରାୟଣ ପୂଜା ଉପଲକ୍ଷେ ଶୁକ୍ରବାର ସନ୍ଧ୍ୟାରେ ଠାକୁର ଅଭିରାମ ପରମହଂସଙ୍କ ଲୀଳାଚରିତ ନାଟକ 'ଜୟ ସତ୍ୟନାରାୟଣ' ମଞ୍ଚସ୍ଥ ହୋଇଛି। ପ୍ରାଧ୍ୟାପକ ଡ. ଭିକାରି ସାମଲଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ନାଟକରେ ଜାରକା ଭକ୍ତ ଗୋଷ୍ଠୀର ହିମାଂଶୁ ପଣ୍ଡା, ପ୍ରଭାତ ପାଣିଗ୍ରାହୀ, ପୀତବାସ ପଣ୍ଡା, ମିଥୁନ କୁଣ୍ଡୁ, ଶ୍ରୀବତ୍ସ ପାଢ଼ୀ, ସୁଧୀର ଜେନା, ପ୍ରମୋଦ ମହାରଣା ଓ ମନୋରମା ରାଉତ ଅଭିନୟ କରିଥିଲେ। କଣ୍ଠଶିଳ୍ପୀ କଳ୍ପନା ପଣ୍ଡା ଓ କୁଞ୍ଜବିହାରୀ ଜେନା ଠାକୁରଙ୍କ ଭଜନଗାନ କରିଥିଲେ। ଅଚ୍ୟୁତାନନ୍ଦ ସାମଲ ଓ ପ୍ରୀତିରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଗତ ୧୮ ତାରିଖରେ ଲକ୍ଷ୍ମୀନାରାୟଣଙ୍କ ପୂଜା, ହୋମ, ପୁଷ୍ପାଞ୍ଜଳି ଓ ଘଟ ବିସର୍ଜନ ହୋଇଥିଲା। ପରେ ଛତିଆର ଇସକନ୍ ଗ୍ରୁପ୍ ପକ୍ଷରୁ ଭଜନକୀର୍ତ୍ତନ ପରିବେଷିତ ହୋଇଥିଲା। ୧୯ତାରିଖରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ ହୋଇଥିଲା। ଆୟୋଜକ ଧର୍ମଶାଳା ପୂଜା ମହୋତ୍ସବ କମିଟି ସଭାପତି ରବିନାରାୟଣ ସାହୁ, ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାଶ, ସମ୍ପାଦକ ଶ୍ରୀକାନ୍ତ ସାହୁ, ଉପସଭାପତି ସର୍ବେଶ୍ୱର ବେହୁରା, ସହସମ୍ପାଦକ ଜିତେନ୍ଦ୍ର ରାଉତ, କୋଷାଧ୍ୟକ୍ଷ ଶରତ ଓଝା, ସଂଯୋଜକ ଦେବରାଜ ମିଶ୍ର, ବିଚିତ୍ର କୁମାର ସ୍ୱାଇଁ, ମନୋଜ ରାଉଳ, କାଶୀନାଥ ସାହୁ, ରାଜେଶ ପାଲ, ସବ୍ୟସାଚୀ ସୁନ୍ଦରାୟ, ପ୍ରଫୁଲ୍ଲ କୁମାର ରାଉତ, ହିମାଂଶୁ ଶେଖର ମହାନ୍ତି, ଲୋକନାଥ ମହାନ୍ତି, କାର୍ଯ୍ୟକାରୀ କମିଟି ସଦସ୍ୟ ରାଜକୁମାର ଶତପଥୀ, ରାମଚନ୍ଦ୍ର ମଲ୍ଲିକ, କିଶୋର ନାୟକଙ୍କ ସମେତ ସମସ୍ତ ସଭ୍ୟ ଉତ୍ସବ ପରିଚାଳନା କରୁଛନ୍ତି। ରବିବାର ସନ୍ଧ୍ୟାରେ ରାଜଲକ୍ଷ୍ମୀ ଦଳେଇ ଓ ତାଙ୍କ ସାଥୀମାନେ ପାଲା ପରିବେଷଣ କରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ନୂଆ ରୂପରେ ଏନ୍‌ସି କଲେଜ ବିଜ୍ଞାନ ବିଭାଗ

ଯାଜପୁର,୨୧।୧୨ (ହର୍ଷବର୍ଦ୍ଧନ ବେହେରା) ଯାଜପୁରର ନରସିଂହ ଚୌଧୁରୀ (ଏନ୍‌ସି) ସ୍ୱୟଂଶାସିତ ମହାବିଦ୍ୟାଳୟର ବିଜ୍ଞାନ ବିଭାଗ ଏକ ନୂଆ ରୂପ ପାଇଛି। ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଏଠାରେ ନୂତନ କ୍ଲାସ୍‌ରୁମ୍ ଓ ଉନ୍ନତ ମାନର ଲାବୋରେଟୋରି ସ୍ଥାପନ କରାଯାଇଛି। ଏଥିପାଇଁ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି) ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଓଏମ୍‌ବିଏଡିସି ସହାୟତାରେ ବିଜ୍ଞାନ ବିଭାଗରେ ୪ ମହଲା ବିଶିଷ୍ଟ ନୂତନ କୋଠା ନିର୍ମାଣ କରାଯାଇଛି। ଏଥିରେ ପଦାର୍ଥ ବିଜ୍ଞାନ (ଫିଜିକ୍ସ), ରସାୟନ ବିଜ୍ଞାନ (କେମିଷ୍ଟ୍ରି), ଉଦ୍ଭିଦ ବିଜ୍ଞାନ (ବଟାନି) ଓ ପ୍ରାଣୀ ବିଜ୍ଞାନ (ଜୁଲୋଜି) ପାଇଁ ସ୍ୱତନ୍ତ୍ର କ୍ଲାସରୁମ୍ ଓ ଲାବୋରେଟୋରି ସ୍ଥାପନ କରାଯାଇଛି। ଫଳରେ ଛାତ୍ରଛାତ୍ରୀମାନେ ଏଠାରେ ସୁବିଧାରେ ଥିଓରି ସହିତ ପ୍ରାକ୍ଟିକାଲ କରିପାରୁଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ବିଜ୍ଞାନର ବିଭିନ୍ନ ଦିଗ ବିଷୟରେ ଜାଣିପାରୁଛନ୍ତି ଓ ଉଚ୍ଚତର ଗବେଷଣା ଲାଗି ଆଗ୍ରହ ଦେଖାଉଛନ୍ତି। ସେହିପରି ଏହି ନୂତନ କୋଠାରେ ବିଭାଗୀୟ ମୁଖ୍ୟ ଓ ରିସର୍ଚ୍ଚ ଆସୋସିଏଟ ରୁମ୍ ରହିଛି। ଏହାବାଦ କନଫରେନ୍ସ ଓ ଲାଇବ୍ରେରି ହଲ ସହିତ କମ୍ପ୍ୟୁଟର ଲ୍ୟାବ୍ ଓ ରେକର୍ଡ ରୁମ୍ ମଧ୍ୟ କରାଯାଇଛି। ଛାତ୍ରୀଛାତ୍ରଙ୍କ ପାଇଁ ଏଠାରେ ଏକ ପ୍ରତୀକ୍ଷା ଗୃହ, ପାନୀୟ ଜଳ ଯୋଗାଣ ଏବଂ



**ଓଏମ୍‌ବିଏଡିସି ପାଣ୍ଠିରୁ କ୍ଲାସ୍‌ରୁମ୍, ଲାବରେଟୋରି, ଲାଇବ୍ରେରି, କମ୍ପ୍ୟୁଟର ଲ୍ୟାବ୍ ନିର୍ମାଣ**

ଶୌଚାଳୟର ବ୍ୟବସ୍ଥା ହୋଇଛି। ଏନସି କଲେଜର ଅଧ୍ୟକ୍ଷ ଡକ୍ଟର ରଞ୍ଜନ କୁମାର ବେହେରା କହିଛନ୍ତି, ଛାତ୍ରୀଛାତ୍ରମାନେ ବିଭିନ୍ନ ବିଷୟରେ ଗବେଷଣା କରିବାର ସୁଯୋଗ ପାଉଛନ୍ତି। ବିଜ୍ଞାନ ବିଭାଗରେ ଆଧୁନିକ ଭିତ୍ତିଭୂମି ନିର୍ମାଣ ହେବା ଫଳରେ ଏଠାରେ ପାଠ ପଢିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଛାତ୍ରୀଛାତ୍ରମାନେ ଆଗ୍ରହ ଦେଖାଇବେ ବୋଲି ସେ କହିଛନ୍ତି। ୧୯୪୬ରେ ସ୍ଥାପିତ ଏହି ପୁରାତନ ମହାବିଦ୍ୟାଳୟକୁ ୧୯୯୯ରେ ସ୍ୱୟଂଶାସିତ ମାନ୍ୟତା ମିଳିଥିଲା।

# ଦାଉ ସାଧୁଛି ବର୍ଷା, ଚିନ୍ତାରେ ଚାଷୀ

**ଜଗତସିଂହପୁର ଅଫିସ, ୨୧।୧୨ (ପ୍ରମୋଦ କୁମାର ନାୟକ)**

## ଜଗତ୍‌ସିଂହପୁର ଜିଲ୍ଲା

- ଧାନ ଫସଲ ଉଜୁଡିବା ଆଶଙ୍କା
- ପାଣିରେ ଧାନ ସ୍ୱର୍ଶ କରିଥିଲେ ତୁରନ୍ତ ଅମଳ କରନ୍ତୁ
- ଖରା ନ ହେଲେ ହାତରେ ଧାନ କାଟିବା ଜରୁରୀ
- କବକ ଜାତୀୟ ସଂକ୍ରମଣ ଓ କେଣ୍ଡା କଟା ପୋକର ଭୟ ଘାରିଛି



ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ପ୍ରଭାବରେ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲାରେ ମାତ୍ରାଧିକ ବର୍ଷା ଲାଗି ରହିଛି। ଏହାଦ୍ୱାରା ବ୍ୟାପକ ଫସଲ ପ୍ରଭାବିତ ହେବା ଆଶଙ୍କା ରହିଛି। ଜଗତ୍‌ସିଂହପୁର ଜିଲାରେ ଗତ ୨୦ ତାରିଖରୁ ଲଗାଣ ବର୍ଷା ଯୋଗୁ ବିଶେଷକରି ଧାନ ଫସଲ କ୍ଷତିଗ୍ରସ୍ତ ହେବା ଆରମ୍ଭ କରିଛି। ଅନେକ ସ୍ଥାନରେ ବିଲରେ ପାଣି ଜମି ରହିବା ସହ ଧାନ ଫସଲ ଶୋଇପଡିଛି। ଫଳରେ ଧାନ କେଣ୍ଡା ପାଣି ଓ ମାଟି ସଂସ୍ପର୍ଶରେ ଆସି ରୋଗାକ୍ରାନ୍ତ ହେଉଥିବା ବାରି ହୋଇଛି। ବିଶେଷକରି କବକଜାତୀୟ ସଂକ୍ରମଣ (ଫଙ୍ଗାଲ ଇନଫେକ୍ସନ୍) ଯୋଗୁ ଧାନଗୁଡିକ କଳା ପଡି ନଷ୍ଟ ହୋଇଯାଉଛି। ଏ ପରିସ୍ଥିତିରେ ଚାଷୀମାନେ ତୁରନ୍ତ ପାଣି ଓ ମାଟି ସଂସ୍ପର୍ଶରେ ଥିବା ଧାନକୁ ବିଲରେ ଅଧିକ ସମୟ ନ ରଖି ଅମଳ କରିବା ଆବଶ୍ୟକ। ସେଗୁଡିକୁ ତୁରନ୍ତ ହାତରେ ଛାଣି ନିରାପଦ ସ୍ଥାନରେ ଫ୍ୟାନ ସାହାଯ୍ୟରେ ଶୁଖାଇବାକୁ ପଡିବ। ଏହା ନ କଲେ ସମ୍ଭାବ୍ୟ କ୍ଷତିକୁ ରୋକାଯାଇ ପାରିବ ନାହିଁ। ନଚେତ ଜିଲାର ଅଧିକାଂଶ ଚାଷୀ ପ୍ରଭୁତ କ୍ଷତି ସହିବେ ବୋଲି କେତେଜଣ କୃଷି ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। ଏଥିସହ ଅନ୍ୟ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

ଚଳିତ ଖରିଫ ଋତୁରେ ଜଗତ୍‌ସିଂହପୁର ଜିଲାରେ ପାଖାପାଖି ୮୫,୨୦୦ ହେକ୍ଟର ବିଲରେ ଧାନ ଚାଷ ହୋଇଛି। ଧାନ ଭଲ ହୋଇଥିବାରୁ ଚାଷୀ ମନରେ ଖୁସି ଭରି ଯାଇଥିଲା। କିନ୍ତୁ ଠିକ୍ ଅମଳ ପୂର୍ବରୁ ଅଦିନିଆ ବର୍ଷା ଚାଷୀ ମୁଣ୍ଡରେ ଚଡ଼କ ପକାଇଛି। କ୍ରମାଗତ ୨ ଦିନ ଧରି ବର୍ଷା କାରଣରୁ ଜିଲାର ପ୍ରାୟତଃ ବିଲରେ ଏବେ ପାଣି ଜମି ରହିଛି। କମ୍ ଧାନ ଅମଳ ହୋଇଥିବାବେଳେ ଅଧିକ କଟା ପୂର୍ବରୁ ଏଭଳି ପରିସ୍ଥିତି ସୃଷ୍ଟି ହେବା ଚାଷୀ ମନରେ ନିରାଶ ଭରି ଦେଇଛି। ଏ ପରିସ୍ଥିତିରେ ଚାଷୀମାନେ କ'ଣ କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଆଦ୍ରତା (ମଏଷ୍ଟର) କାରଣରୁ ଧାନ ଗଜା ହେବା ଆଶଙ୍କା ରହିଛି। ଏ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଦ୍ୱାରିକା ମୋହନ ଦାସଙ୍କ କହିବା କଥା ହେଲା, ୨ ଦିନ ବର୍ଷା ଯୋଗୁ ଧାନ ଉପରେ ଏହାର ପ୍ରଭାବ ପଡିବ। ଧାନ କାଟିବା କଷ୍ଟକର ହେବ। ଏହା କାଟିବାରେ ବିଳମ୍ବ ହେଲେ ଗଜା ହେବାର ମଧ୍ୟ ଭୟ ରହିଛି। ତେଣୁ ଯେଉଁ ଧାନ ମାଟି ଓ ପାଣି ସଂସ୍ପର୍ଶରେ ଆସୁଛି ତାକୁ ପ୍ରାଥମିକତା ଭିତ୍ତିରେ ଅମଳ କରିବାକୁ ପଡିବ। ଯେଉଁଗୁଡିକ ଛିଡା ହୋଇଛି ସେଗୁଡିକ ପାଇଁ ସେତେଟା ବିପଦ ନାହିଁ। ଜିଲାରେ ପାଣି ଜମି ବହୁ ସ୍ଥାନରେ ଧାନ କଳା ପଡିବା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଚାଷୀମାନେ ଅମଳ ପ୍ରତି ଧ୍ୟାନ ଦେବାକୁ ପଡିବ। ଏବେ ବିଲରେ ମେଶିନ୍ ପଶିବନି। ଯଦିଓ କାଦୁଅରେ ଟ୍ରଲର ଭଳି କମ୍ବାଇନ୍ଡ ହାର୍ଭେଷ୍ଟର ପଶିପାରିବ କିନ୍ତୁ ପାଣି ବିଲରୁ ନିଗିଡିବା ଦରକାର। ଆଦ୍ରତା ଥିଲେ ଏହି ମେଶିନ୍ ଗିଲରେ ଧାନ ହଳା ଗୁଡାଇ ହୋଇଯିବ। ରବିବାରଠାରୁ ବର୍ଷା ନ ହୋଇ ୩-୪ ଦିନ ଖରା ହେଲେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଯିବ। କିନ୍ତୁ ପାଗ କୋହଲା କଲେ ଚାଷୀ ଓ ମଜୁରିଆ ମିଶି ଦା'ରେ ଧାନ କାଟି ଅମଳ କରିବାକୁ ପଡ଼ିବ ବୋଲି ଦାସ କହିଛନ୍ତି। ଅନ୍ୟପଟେ ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇବା ପାଇଁ କୃଷି ବିଭାଗ ପକ୍ଷରୁ ଆଡଭାଇଜରୀ ଜାରି କରାଯାଇଛି। ଏଥିରେ ଦର୍ଶାଯାଇଛି ଧାନ ଗଛ ପଡି ଯାଇଥିଲେ ବର୍ଷା ପରେ ହଳା କରି ଠିଆ କରନ୍ତୁ। ବର୍ଷା ଛାଡି ଖରା ପାଗ ହୋଇଗଲା ପରେ କେଣ୍ଡା କଟା ପୋକ ଲାଗିବାର ସମ୍ଭାବନା ଅଛି। ଏହାକୁ ନିୟନ୍ତ୍ରଣ ପାଇଁ ସନ୍ଧ୍ୟା ସମୟରେ ପ୍ରତି ଲିଟର ପାଣିରେ ୧.୫ ମିଲିଲିଟର ହିସାବରେ ଲାମ୍ବଡ଼ା ସାଇହାଲୋଥ୍ରୀନ କିମ୍ବା ୨ ମିଲିଲିଟର ହିସାବରେ କ୍ଲୋରୋପାଇରିଫସ୍ ସହ ସାଇପରମେଥ୍ରୀନ ମିଶାଇ ସିଞ୍ଚନ କରିବାକୁ ପଡ଼ିବ। ଏଥିସହ ହୁଡା ଚାରିପଟେ ମାଲାଥିଅନ ୫-ଡି କୁ ଏକର ପ୍ରତି ୧୦ କିଲୋଗ୍ରାମ ହିସାବରେ ଛିଞ୍ଚି ବିଷ ବଳୟ ସୃଷ୍ଟି କରିବା ଜରୁରୀ। ଧାନ ଅମଳ ପରବର୍ତ୍ତୀ ଜମିରେ ରବି ଫସଲ ବୁଣାବୁଣି କରୁଥିଲେ ସାମୟିକ ଭାବେ ସ୍ଥଗିତ ରଖିବାକୁ ପଡିବ। ବର୍ଷା ହେତୁ ସହଳ ବୁଣା ଚିନାବାଦାମ ଫସଲରେ ମୂଳ ଓ କାଣ୍ଡ ପଚା ଲାଗିବାର ସମ୍ଭାବନା ଅଛି। ଏହାକୁ ନିୟନ୍ତ୍ରଣ ପାଇଁ ବର୍ଷା କମିଗଲାପରେ ପ୍ରତି ଲିଟର ଜଳରେ ୧.୫ ଗ୍ରାମ ଥାଓଫାନେଟ ମିଥାଇଲ ମିଶାଇ ସିଞ୍ଚନ କରିବାକୁ ହେବ। ପନିପରିବା ତଥା ରବି ଫସଲରେ ଜଳ ନିଷ୍କାସନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପଡ଼ିବ। କୀଟନାଶକ ସିଞ୍ଚନ ସହ ସାମୟିକ ସମୟ ପାଇଁ ଜଳସେଚନ ବନ୍ଦ ରଖିବାକୁ ହେବ। ପରିବା ତଳି ଘେରାକୁ ଧଳା ପଲିଥିନରେ ଘୋଡ଼ାଇବା ସହ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଆବଶ୍ୟକ। ପରିବା ଫସଲ ଛୋଟ ଅବସ୍ଥାରେ ଥିଲେ ଏବଂ ବର୍ଷା ହେତୁ ଗଛର ପତ୍ର ମାଟିରେ ପୋତି ହୋଇଥିଲେ ପତ୍ରଗୁଡିକୁ ଛିଣ୍ଡାଇ ଦେବାକୁ ପଡ଼ିବ। ବର୍ଷା ପରେ ପରିବା ଫସଲରେ ମୂଳସଢ଼ା ଓ ଝାଉଁଳା ରୋଗ ଲାଗିବାର ସମ୍ଭାବନା ଅଛି। ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ ଓ ୨୦ ଗ୍ରାମ ମେଟାଲିକ୍ସିଲ ସହ ମାଙ୍କୋଜେବ ମିଶାଇ ଫସଲର ମୂଳ ଭାଗକୁ ସିଞ୍ଚନ କରିବାକୁ ହେବ ବୋଲି ପରାମର୍ଶ ଦିଆଯାଇଛି।

# ବିଲରେ ଧାନ ଗଜା ଆଶଙ୍କା



**କୁଜଙ୍ଗ, ୨୧।୧୨ (ମନୋଜ ପ୍ରଧାନ)**

ଲଘୁଚାପ ଜନିତ ବର୍ଷା କୁ ୩୬ ଘଣ୍ଟା ଅତିକ୍ରାନ୍ତ କରିଥିଲେବି ଥମିବାର ନାଁ ଧରୁନି। ଫଳରେ ପାଚିଲା ଧାନ ବିଲରେ ପାଣି ଠିଆ ହୋଇଛି। ଏନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। କୁଜଙ୍ଗ ବ୍ଲକରେ ମୋଟ ୧୧ହଜାର ୭୦୦ ହେକ୍ଟର ଜମିରେ ଖରିଫ ଧାନ ଚାଷ ହୋଇଥିବା କୃଷି ବିଭାଗ ପକ୍ଷରୁ ଜଣାପଡ଼ିଛି। ସେଥିରୁ ପାଖାପାଖି ୨ ହଜାର ହେକ୍ଟର ବିଲରୁ ଧାନ କଟାଯାଇଥିଲେ ମଧ୍ୟ ଅମଳ ହୋଇ ଆସିଥିବା ବିଲର ପରିମାଣ ୫ ଶହ ହେକ୍ଟର ହେବ। ଅବଶିଷ୍ଟ ୧ ହଜାର ୫ ଶହ ହେକ୍ଟର ଜମିର ଧାନ କଟା ଯାଇ ବିଲରେ କଚଡା ପଡ଼ିଛି। ସେସବୁ ପାଣିରେ ବୁଡିଯାଇଥିବା ବେଳେ କେତେକସ୍ଥଳେ ବର୍ଷାରେ ଭିଜିଥିବା ଧାନକୁ ଚାଷୀ ପାଣିରୁ ଛାଣି ହିଡରେ ଶୁଖାଉ ଥିବା ଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଅବଶିଷ୍ଟ ୯ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ପାଚିଲା ଧାନ ବିଲରୁ କଟାଯାଇ ନାହିଁ। ଯେହେତୁ ପାଚିଲା ପରେ ଧାନ ମଥା ନୁଆଇଁ ବିଲରେ ଶୋଇଯାଇଥିଲା ସେସବୁ ପାଣିରେ ବୁଡ଼ି ରହିଛି। ଏହାଦ୍ୱାରା ଧାନ ଗଜା ହେବା ଓ ଝଡ଼ିବା ସାଙ୍ଗକୁ ନିଜର ମୂଳ ରଙ୍ଗ ହରାଇ କଳା ରଙ୍ଗ ହେବା ଆଶଙ୍କାରେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଅନ୍ୟପଟେ ନଡ଼ା ପାଣି ଖାଇ ନରମ ଓ ପଚି ଯିବା ଯୋଗୁ ଅମଳ ସମୟରେ କାଠି, ଧୁଷ ସାଙ୍ଗକୁ ଆର୍ଦ୍ରତା ପରିମାଣ ପାଇଁ ନିର୍ଦ୍ଧାରିତ ଏଫ୍ଏକ୍ୟୁ ମାନର ଧାନ ମଣ୍ଡିରେ ଦେବା ନେଇ ସନ୍ଦେହ ପ୍ରକାଶ ପାଇଛି। ଚାଷୀ ଖର୍ଚ୍ଚାନ୍ତ ହୋଇ କାଠି ଧୁଷ କାଢି ଦେଇ ପାରିବେ। ହେଲେ କଳା ବା ବେରଙ୍ଗି ହୋଇଯାଇଥିବା ଧାନକୁ ମୂଳ ରଙ୍ଗକୁ ଫେରାଇ ଆଣି ପାରିବେ ନାହିଁ। ଏଭଳିସ୍ଥିତିରେ ଯଦି ଚାଷୀ କିଛି ଧାନ ଅମଳ କରିବ ତାକୁ ମଣ୍ଡି ନେବ ନାହିଁ। ଗୋଟିଏ ପଟେ ଧାନ ବିଲରେ ଗଜା ହେବା ଅନ୍ୟପଟେ ମଣ୍ଡି ନ ନେବା ନେଇ ଚାଷୀ ଚିନ୍ତାରେ ପଡିଛି। ଶୁକ୍ରବାରରୁ ଚାଲିଥିବା ଲଗାଣ ବର୍ଷାରେ ବର୍ତ୍ତମାନ ସୁଦ୍ଧା ପ୍ରାଥମିକ ଆକଳନରୁ ୧ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିର ଧାନ କ୍ଷତିଗ୍ରସ୍ତ ହୋଇଥିବା ବ୍ଲକ କୃଷି ଅଧିକାରିଣୀ ସୀତାରତ୍ନ ମାଳା ଦାଶ କହିଛନ୍ତି। ବିଶେଷ କରି ବାଗୋଇ, ଫତେପୁର, ଗନ୍ଦକିପୁର, ଗୋପିଆକୁଦ, ମହ୍ଲାସାହି, ବଣିତୋ, ପାଣ୍ଡିଆ ପ୍ରଭୃତି ପଞ୍ଚାୟତରେ କ୍ଷତି ହୋଇଛି। ମାତ୍ର ବାସ୍ତବ କ୍ଷେତ୍ରରେ କ୍ଷତିର ପରିମାଣ ଅଧିକ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନର କୁଜଙ୍ଗ ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନା କହିଛନ୍ତି।

# ଘରେ, ରାସ୍ତାରେ ପାଣି ଲହଡ଼ି

## ଲଗାଣ ବର୍ଷାରେ ଜନଜୀବନ ପ୍ରଭାବିତ

**ପାରାଦୀପ, ୨୧।୧୨ (ଶରତ ରାଉତ)**

ବଙ୍ଗୋପସାଗର ରେ ଲଘୁଚାପ ଯୋଗୁ ପାରାଦୀପ ତଥା ଆଖପାଖ ଅଞ୍ଚଳରେ ଶୁକ୍ରବାର ଠାରୁ ଲଗାଣ ବର୍ଷା ହୋଇଛି। ଶନିବାର ରାତି ପର୍ଯ୍ୟନ୍ତ ବର୍ଷା ଯୋଗୁଁ ଅଧିକାଂଶ ସ୍ଥାନରେ ପାଣି ଜମି ଗଲାଣି। ଏପରିକି ତଳିଆ ଅଞ୍ଚଳରେ ଥିବା କେତେକ ଘର ଭିତରେ ପାଣି ପଶିଥିବା ଦେଖିବାକୁ ମିଳିଛି। ବର୍ଷା ଓ କୋହଲା ପାଗ ଯୋଗୁ ଦୋକାନ ବଜାର ବନ୍ଦ ପ୍ରାୟ ରହିଛି। ବିଶେଷକରି କୁଜଙ୍ଗ ଅଞ୍ଚଳରେ ଚାଷ ଜମିରେ ପାଣି ଜମି ରହିଛି। ଫଳରେ ଜମିରେ ପାଚିଲା ଧାନ ବୁଡ଼ି ଯାଇଛି। ପାରାଦୀପ ସହରାଞ୍ଚଳରେ ଶୀତଦିନିଆ ବର୍ଷା ଜନଜୀବନକୁ ପ୍ରଭାବିତ କରିଛି।



ପାରାଦୀପ ବଡପଡିଆ ଥାନା ଛକରେ ବର୍ଷା ପାଣି ରାସ୍ତାରେ ଜମିଛି।




ପାରାଦୀପ ନୂଆବଜାର ଜଟାଧାର ମୁହାଣ ମେରାଇନ ଥାନା ପାଖ ଏକ କ୍ୱାର୍ଟର ମଧ୍ୟରେ ଥିବା ବର୍ଷା ପାଣି କଢ଼ାଯାଉଛି।

# ପାଚିଲା ଧାନ, ପରିବା ଫସଲରେ ଜଳ ପ୍ଲାବିତ




**ରଘୁନାଥପୁର, ୨୧।୧୨ (ରାଜେନ୍ଦ୍ର ନାରାୟଣ ସିଂହ)**

ଲଗାଣ ବର୍ଷାରେ ରଘୁନାଥପୁର ବ୍ଲକ ଅଞ୍ଚଳରେ ହଜାର ହଜାର ହେକ୍ଟର ପାଚିଲା ଧାନ ଫସଲ ଜଳ ପ୍ଲାବିତ ହୋଇଛି। କେତେକ ସ୍ଥାନରେ କଟା ହୋଇ ପଡିଥିବା ଧାନ କଚଡା ପାଣିରେ ବୁଡି ରହିଥିବା ବେଳେ ଆଉ କେତେକ ସ୍ଥାନରେ ଠିଆ ହୋଇଥିବା ଧାନଗଛ ବର୍ଷା ମାଡରେ ବିଲରେ ପାରି ହୋଇପଡ଼ିଛି। ଫଳରେ ଦୂରରୁ ଠିଆ ହୋଇ ଚାଷୀ କେବଳ ବିଲକୁ ଦେଖିବା ସାର ହୋଇଛି। ଚଳିତ ବର୍ଷ ଧାନ ଫସଲ ଭଲ ହୋଇଥଲା। ଏବେ ଧାନ କଟା ଆରମ୍ଭ ସମୟରେ ଲଘୁଚାପ ବର୍ଷା ଦାଉ ସାଧିଲା ବୋଲି ରାଢ଼ଙ୍ଗ ଗ୍ରାମର ଚାଷୀ ଗଗନ ପାଳ ଓ ପରୀକ୍ଷିତ ସାମଲ କହିଛନ୍ତି। ଏହି ଗ୍ରାମର ପ୍ରକାଶ ରାଉତ, ସମୀର ରାଉତ, ପ୍ରତାପ ରାଉତ, ଜଗନ୍ନାଥ ନାୟକଙ୍କ ଧାନ ଜମିରେ ବର୍ଷା ପାଣି ଲହଡା ମାରୁଛି ବୋଲି ସେମାନେ କହିଛନ୍ତି। ବର୍ଷା ପାଇଁ ସତର୍କ ସୂଚନା ଦିଆଯାଇଥିଲା। ଅନେକ ଚାଷୀ କାଟିଥିବା ଧାନକୁ ବାନ୍ଧି ଖଳାବାରିକୁ ଆଣିଥିଲେ ସୁଧା ଅଧିକାଂଶ କଟାଧାନ ବନ୍ଧା ହୋଇନପାରି କ୍ଷେତରେ ପଡ଼ିରହିଛି। ଯଦି ବର୍ଷା ଏହିପରି ଲାଗିରହେ ତାହାଲେ ପାଣିରେ ବୁଡି ରହିଥିବା ପାଚିଲା ଧାନ ଗଜା ହେବା ସୁନିଶ୍ଚିତ ବୋଲି କୃଷି ଭିତ୍ତିକ ସଂସ୍ଥା ଲାଲର ସମ୍ପାଦକ କ୍ଷେତ୍ରମୋହନ ବେହେରା କହିଛନ୍ତି। ଏତଦବ୍ୟତୀତ ବର୍ଷାପାଣି ଜମି ରହିଥିବା କିମ୍ବା ନିଷ୍କାସନର ସୁବିଧା ନଥିବା ତଳି ଅଞ୍ଚଳରେ ବୁଡି ରହିଥିବା ଧାନ, ପାଣି ଶୁଖି କଟା ହେଲାବେଳକୁ ଏହାର ଗୁଣାତ୍ମକ ମାନ ଖରାପ ହୋଇଯାଇଥିବ। ଏପରିକି ଆଗାମୀ ରବି ଫସଲ ପାଇଁ ଜମିଗୁଡ଼ିକ ଅନୁପଯୁକ୍ତ ହୋଇଯିବାର ଆଶଙ୍କା ରହିଛି ବୋଲି ବେହେରା ପ୍ରକାଶ କରିଛନ୍ତି। ବିଶେଷ କରି ରାଢଙ୍ଗ, ରେଡୁଆ, ଅଢେଇକୁଳ, ଜଗନ୍ନାଥପୁର, ତାରପୁର, ଚିକିଣିଆ, ବରାଗୋଳ, ସାଦେଇପୁର, ବିଦ୍ୟାଧରପୁର, ଏରଡଙ୍ଗା ଓ ଅନ୍ୟାନ୍ୟ କେତେକ ପଞ୍ଚାୟତର ତଳି ଅଞ୍ଚଳରେ ବ୍ୟାପକ ପାଚିଲା ଧାନ ପାଣିରେ ବୁଡି ରହିଛି। ବ୍ଲକରେ ମୋଟ ୬୯୧୦ ହେକ୍ଟର ଜମିରେ ଧାନ ଚାଷ ଓ ୬୫୦ ହେକ୍ଟର ଜମିରେ ପରିବା ଚାଷ କରାଯାଇଥିଲା। ଚାଷି ଲହୁଲୁହ ଢାଳି କରଜ କରି ଧାନ ଫସଲରେ ବିନିଯୋଗ କରିଥିଲା। ମାତ୍ର ଅମଳ ସମୟରେ ବର୍ଷା ବଇରୀ ସାଜିଛି। ବିରିଡି ବ୍ଲକ ଅଞ୍ଚଳରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି। ଅଳ୍ପ ଧାନ କଟା ହେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କ୍ଷେତରେ ପଡି ରହିଥିବା ସ୍ଥାନୀୟ ଚାଷୀ ପ୍ରକାଶ କରିଛନ୍ତି। ପରିବା ଫସଲ ମଧ୍ୟ ବର୍ଷା ପାଣିରେ କ୍ଷତିଗ୍ରସ୍ତ ହୋଇଛି। ବ୍ଲକ ଅଞ୍ଚଳର ୬୨୭୫ ହେକ୍ଟର ଜମିରେ ଧାନଫସଲ ଓ ୩୮୫ ହେକ୍ଟର ଜମିରେ ପରିବା ଚାଷ କରାଯାଇଛି। ବର୍ଷା ଛାଡ଼ିବା ପରେ ଢିପାଳିଆ ଜମିରୁ କୌଣସି ମତେ ପାରି ହୋଇପଡିଥିବା ଧାନକୁ କାଟିବା ପାଇଁ ଚାଷୀ ଆଗଭର ହେବ। କିନ୍ତୁ ପାଣି ଥିବା ବିଲରେ ଖରା ବାଜିବା ମାତ୍ରେ ବୁଡି ରହିଥିବା ଧାନଗୁଡ଼ିକ ଗଜା ହେବା ସୁନିଶ୍ଚିତ ବୋଲି ଚାଷୀ ବିନୋଦ ବିହାରୀ ମହାନ୍ତି କହିଛନ୍ତି। ଏହି ଧାନକୁ ଅମଳ କରି ଅଣାଗଲେ ଉକ୍ତ ଧାନ ନିଜସ୍ୱ ଗୁଣବତ୍ତା ହରାଇ ମଣ୍ଡିରେ ଦେବା ପାଇଁ ଅନୁପଯୁକ୍ତ ହେବ ବୋଲି ମହାନ୍ତି କହିଛନ୍ତି।

# ପାଚିଲା ଧାନ, ବିରି, କୋଳଥ ନଷ୍ଟ

**ନାଉଗାଁ, ୨୧।୧୨ (ସୁଧା ବେହୁରା)**

ନାଉଗାଁ ବ୍ଲକରେ ଅମଳ ହେବାକୁ ଥିବା ପାଚିଲା ଧାନ ଜମିରେ ବର୍ଷା ପାଣି ବୁଡି ରହିଛି। କେଉଁଠି ଧାନ କଟା ଯାଇ ପାଣିରେ ପଡିଛି ତ ଆଉ କେଉଁଠି ଧାନ ହଳା ପାଣିରେ ଭାସୁଛି। ପୁଣି କେଉଁଠି କଟା ନ ହୋଇଥିବା ପାଚିଲା ଧାନ ଉପରେ ବର୍ଷା ପାଣି ଜମି ରହିଛି। ଏହି ବର୍ଷା ଚାଷୀର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଛି।

ନାଉଗାଁ ତହସିଲ ଅନ୍ତର୍ଗତ ୧୬ ପଞ୍ଚାୟତରେ ପ୍ରାୟ ୭ ହଜାର ୫ଶହ ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯାଇଛି। ଏଥିମଧ୍ୟରୁ ଲଘୁଜାତୀୟ ଧାନ ୨୫୦ ହେକ୍ଟର ହୋଇଥିବା ବେଳେ ଅବଶିଷ୍ଟ ଶାରଦ ଧାନ ଚାଷ ହୋଇଥିଲା। ବର୍ତ୍ତମାନ ସମସ୍ତ ଧାନ ପାଚି ଯାଇଥିବାବେଳେ ସେଥିରୁ ଶତକଡା ୩୦ ଭାଗ ଧାନ ମେଶିନ ଓ ଶ୍ରମିକ ମାଧ୍ୟମରେ କାଟି ଅଣାଯାଇଛି। ଅବଶିଷ୍ଟ ୭୦ ଭାଗଧାନ ଜମିରେ ରହିଛି। ଯେଉଁ ଧାନ କଟା ହୋଇ ଖଳାରେ ଗଦା ହୋଇଛି ତାହା ମଧ୍ୟ ବର୍ଷା ପାଣିରେ ଓଦା ହୋଇଛି। ଧାନ ବ୍ୟତୀତ ଜାମୁଗାଁ, ତିରୁଣା, ଡାବର ଆଦି ପଞ୍ଚାୟତରେ ରବି ଫସଲ ଯଥା ବିରି, କୋଳଥ ଆଦି ଫୁଲ ଧରିଥିବା ବେଳେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେହିପରି ଗଳଦାରୀ, ଅରଖକୁଦ, ବଛାଳୋ, ରୋହିଆ, ଶିଖର, ଡାର, ଡେରିକି, କୋରୁଅ, ଓଷକଣା ଆଦି ଗ୍ରାମରେ ନଦୀ ପଠାରେ କରାଯାଇଥିବା ପନିପରିବା ଉଜୁଡିବାର ଆଶଙ୍କା ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଅଲ୍ ଇଣ୍ଡିଆ କ୍ଷେତ ମଜଦୁର ସଙ୍ଗଠନର ଜିଲା ସଭାପତି ସୁବାସ ସ୍ୱାଇଁ ଦାବି କରିଛନ୍ତି।



ପାଣିରେ ବୁଡ଼ିରହିଥିବା କଟଧାନ।

# ଦାୟିତ୍ୱବୋଧତା, ସାମର୍ଥ୍ୟ ଉପରେ ସୁଶାସନ ନିର୍ଭର

**ରଘୁନାଥପୁର, ୨୧।୧୨ (ରାଜେନ୍ଦ୍ର ନାରାୟଣ ସିଂହ)**

## ପଞ୍ଚାୟତରେ ସୁଶାସନ ସମ୍ପର୍କିତ ପ୍ରଶିକ୍ଷଣ ବୈଠକ



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧି।

ରଘୁନାଥପୁର ପଞ୍ଚାୟତ ସମିତି ସଭାକକ୍ଷରେ ଶନିବାର ୫ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟ ଓ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀଙ୍କୁ ନେଇ ପଞ୍ଚାୟତରେ ସୁଶାସନ ସମ୍ପର୍କିତ ଏକ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିପିଓ ସ୍ମାରକ ମହାନ୍ତି ଏଥିରେ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏଲ୍ଏମ ବିପିସି ଲିପିକା ଷଡ଼ଙ୍ଗୀ, ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଏବିଇଓ ଆଶୁତୋଷ ବାନାର୍ଜୀ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିପିଏମ୍ ରଞ୍ଜିତା ସିଂହ ଓ ଆଇସିଡିଏସ ସୁପରଭାଇଜର ଉପସ୍ଥିତ ଥିଲେ। ପଞ୍ଚାୟତରେ ଥିବା ସମସ୍ତବାସିନ୍ଦାଙ୍କୁ ବିଭିନ୍ନ ଯୋଜନାଗୁଡ଼ିକର ସୁଫଳ ଓ ସୁବିଧା ସୁଶାସନ ମାଧ୍ୟମରେ ପ୍ରଦାନ କରିବା ଏହାର ଲକ୍ଷ୍ୟ ବୋଲି ଜୀପିଓ ମହାନ୍ତି ପ୍ରକାଶ କରିଥିଲେ। ସୁଶାସନ ମୁଖ୍ୟତଃ ପ୍ରଯୁକ୍ତି ବିଦ୍ୟା, ସମୟସୀମା, ସ୍ୱଚ୍ଛତା, ରୂପାନ୍ତରିକରଣ ଓ ଦଳଗତ କାର୍ଯ୍ୟ ଉପରେ ନିର୍ଭର କରେ ବୋଲି ସେ ଅବଗତ କରାଇଥିଲେ। ଏଥିପାଇଁ, ବିଭିନ୍ନ କମିଟିଗୁଡିକୁ କାର୍ଯ୍ୟକ୍ଷମ କରିବା, ଯୋଜନା ପ୍ରସ୍ତୁତି ଓ ଠିକ କାର୍ଯ୍ୟ କରିବା ଏବଂ ଯାଞ୍ଚ ପର୍ଯ୍ୟବେକ୍ଷଣ ଉପରେ ଆଲୋଚନା କରାଯାଇଥିଲା। ପ୍ରଶାସନ ଓ ସାଧାରଣ ଜନତାଙ୍କ ଦ୍ୱରା ନିଆଯାଇଥିବା ଦାୟିତ୍ୱବୋଧତା ଓ ସାମର୍ଥ୍ୟ ଉପରେ ସୁଶାସନ ନିର୍ଭର କରେ ବୋଲି ଜିପିଓ ମହାନ୍ତି ବକ୍ତବ୍ୟ କହିଥିଲେ। ଏଥିରେ ରେଡୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ବରାଗୋଳ ସରପଞ୍ଚ ଜୟନ୍ତୀ ଦାସ, ଏରାଡଙ୍ଗା ସରପଞ୍ଚ ଧର୍ମାନନ୍ଦ ସେଠୀ, ପୁରୁଣାବସନ୍ତ ସରପଞ୍ଚ କାଳନ୍ଦୀ ମହାନ୍ତି, ଚିକିଣିଆ ସମିତି ସଭ୍ୟ ବିଚିତ୍ର ସ୍ୱାଇଁଙ୍କ ସମେତ ବିଭିନ୍ନ ପଞ୍ଚାୟତର ୱାର୍ଡସଭ୍ୟମାନେ ଉପସ୍ଥିତ ଥିଲେ।

# ପ୍ରକୃତ ଶିକ୍ଷା ଜୀବନର ମାନଦଣ୍ଡ

**ଏରସମା, ୨୧।୧୨ ( ଦୀପ୍ତି ଖଣ୍ଡୁଆଳ)**



ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତସ୍ଥିତ ବୃନ୍ଦାବନ ବିହାରୀ କନିଷ୍ଠ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥିଭାବରେ ଉପସ୍ଥିତ ହୋଇ ପ୍ରକୃତ ଶିକ୍ଷା ହିଁ ମାନବ ଜୀବନର ମାନଦଣ୍ଡ ବୋଲି କହିଥିଲେ। ଜଗତ୍‌ସିଂହପୁର ନେହେରୁ ଯୁବ କେନ୍ଦ୍ରର କର୍ମକର୍ତ୍ତା ନିଖିଳ କୋକୁଲ୍ଲା ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଆଜିର ଛାତ୍ରୀଛାତ୍ର ଆସନ୍ତାକାଲି ଦେଶର ଭବିଷ୍ୟତ ବୋଲି କହିଥିଲେ। ଏଥିରେ ସରପଞ୍ଚ ବିଶ୍ୱ କଲ୍ୟାଣୀ ନାୟକ, ସମିତି ସଭ୍ୟ ଚନ୍ଦ୍ରମଣି ପ୍ରଧାନ ସମ୍ମାନିତ ଅତିଥିଭାବେ ଉପସ୍ଥିତ ହୋଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ କଲେଜ ପରିଚାଳନା କମିଟି ପୂର୍ବତନ ସମ୍ପାଦକ ପ୍ରତାପ ସାହୁ, ରବୀନ୍ଦ୍ରନାଥ ନାୟକ, ବିଷ୍ଣୁ ଚରଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମଧୁସ୍ମିତା ସାମଲ, ସାରଦା ପ୍ରସନ୍ନ ବାରିକ, ସୌମ୍ୟା ପ୍ରିୟଦର୍ଶିନୀ ସ୍ୱାଇଁ, ରଶ୍ମି ରଞ୍ଜନ ମହାନ୍ତି, ପୁଷ୍ପା ଦାସ, ଅମିତ ରଞ୍ଜନ ମନ୍ତ୍ରୀ, ରାନୀ ଦାସ ପ୍ରମୁଖଙ୍କୁ ୨୦୨୩ ଯୁକ୍ତ ୨ ପରୀକ୍ଷାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସଫଳତା ପାଇଁ ସୀତା କାଣ୍ଡି, ଭାଷା ସାହିତ୍ୟରେ କାଜଲ ନାୟକ, କ୍ରୀଡାରେ ଆକାଶ ସେନାପତିଙ୍କୁ ପୁରସ୍କୃତ କରାଯାଇଥିଲା।

# ଲଗାଣ ବର୍ଷାରେ ଧାନ ଫସଲ ନଷ୍ଟ

**ଚଣ୍ଡିଖୋଲ, ୨୧।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି):**



ଧାନ ଅମଳ ସମୟରେ ଦୁଇ ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବଡ଼ଚଣା ବ୍ଲକର ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସେମାନଙ୍କ ଧାନ ଫସଲ କଟାଯାଇ ବିଲରେ ଗଦା ହୋଇରହିଛି। ଆଉ କେତେକ ଚାଷୀ ଏବେବି ଧାନ କାଟି ପାରିନାହାନ୍ତି। ଚାଷ ଜମିରେ ପାଚିଲା ଧାନ ଠିଆ ହୋଇରହିଛି। ସାଧାରଣତଃ ପାହାଡିଆ ଚାଷଜମିରୁ ଧାନ କଟା କାର୍ଯ୍ୟ ସରିଥିବାବେଳେ କେନାଲ କୁଳ ଯଥା ଜଳସେଚିତ ଜମିରେ ଧାନ ଫସଲ ଅମଳ ହୋଇପାରିନାହିଁ। ସେମାନଙ୍କ ଧାନ କଟା ସରିବା ବେଳକୁ ଆହୁରି ୧୫ ଦିନରୁ ୧ ମାସ ଲାଗି ଯାଇପାରେ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଯେଉଁ ଧାନକଟାଯାଇ ବିଲରେ ପଡ଼ିଛି ସେଗୁଡିକ ଓଦାହୋଇ ଝଡିଯିବ। ଧାନ ଓ ନଡ଼ା ନ ସୁଖିବା ପର୍ଯ୍ୟନ୍ତ ଜମିରୁ ଧାନ ଆଣି ହେବନାହିଁ। ଯେଉଁ ଧାନ କଟା ଯାଇନାହିଁ ଠିଆ ହୋଇ ରହିଛି ସେଗୁଡିକ ବର୍ଷା ହେଲା ପରେ ଝଡିଯିବ। ଏହି ଧାନ ଫସଲ ନଷ୍ଟ ହେଲେ କିମ୍ବା ଓଦା ହେଲେ ମଣ୍ଡି ନେବ କି ନାହିଁ ତାହା ମଧ୍ୟ ଚିନ୍ତାର କାରଣ ପାଲଟିଛି। ଏଥିପ୍ରତି ସରକାର ବ୍ୟବସ୍ଥା କରିବାକୁ ଚାଷୀମାନେ ନିବେଦନ କରିଛନ୍ତି।

# ଖରିଫ ଧାନର ଅଭାବୀ ବିକ୍ରି

**ଦଲାଲଙ୍କ ଜରିଆରେ ଚାଲାଣ**

**ଚଣ୍ଡିଖୋଲ, ୨୧।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି):**



ରାଜ୍ୟରେ ନୂଆ ସରକାର ଗଠନପରେ ଚଳିତ ବର୍ଷଠାରୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ହେଲେ ବାସ୍ତବକ୍ଷେତ୍ରରେ ତାହା ଚାଷୀଙ୍କ ସ୍ୱାର୍ଥରେ ଲାଗିପାରୁ ନ ଥିବା ପରିଲକ୍ଷିତ ହୋଇଛି। ଯାହାର ନଗ୍ନନମୁନା ଏବେ ବଡ଼ଚଣା ବ୍ଲକରେ ଦେଖିବାକୁ ମିଳିଛି। ପଶ୍ଚିମବଡ଼ଚଣାର କୌଣସି ଗୋଟିଏ ବି ସ୍ଥାନରେ ଏଯାଏ ଧାନମଣ୍ଡି ଖୋଲିନାହିଁ। ଅଞ୍ଚଳରେ ମଣ୍ଡିସବୁ ଜାନୁୟାରୀ ୭ରେ ଖୋଲିବ ବୋଲି ସରକାର ଦିନ ଧାର୍ଯ୍ୟ କରିଛନ୍ତି। ତେଣୁ ଧାନ ଅମଳ ଆରମ୍ଭରୁ ହିଁ ଜାରି ରହିଛି ଅଭାବୀ ବିକ୍ରି। ସ୍ଥାନୀୟ ଦଲାଲମାନେ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସିହା, କାଇମାଟିଆ, ଶାଳପଡ଼ା ଓ ସମିଆଁ ଆଦି ପଞ୍ଚାୟତର ଚାଷୀଙ୍କଠାରୁ ଧାନ କୁଇଣ୍ଟାଲ ପିଛା ମାତ୍ର ୧୮୦୦ ଟଙ୍କାରେ କିଣି ଆନ୍ଧ୍ରପ୍ରଦେଶକୁ ଟ୍ରକ ଯୋଗେ ପ୍ରାୟ ୩୦୦ ମେଟ୍ରିକ ଟନରୁ ଊର୍ଦ୍ଧ୍ୱ ଧାନ ଚାଲାଣ କରି ସାରିଲେଣି ବୋଲି ଆଡ୍‌ଭୋକେଟ ଉଦୟ ନାଥ ସାହୁ ଅଭିଯୋଗ କରିଛନ୍ତି। କେବଳ ଏଠାରେ ନୁହେଁ ଅନେକ ସ୍ଥାନରେ ଦଲାଲମାନଙ୍କ ଦ୍ୱାରା ଏଭଳି ଶାଗମାଛ ଦରରେ ଚାଷୀଙ୍କଠାରୁ ଧାନ କିଣି ବାହାର ରାଜ୍ୟକୁ ସେମାନେ ନିର୍ବିଘ୍ନରେ ଚାଲାଣ କରି ଚାଲିଛନ୍ତି। ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟବୃଦ୍ଧି କରିବାର ଫାଇଦା ତ ଚାଷୀଙ୍କୁ ମିଳିପାରୁନି। ଦଲାଲଙ୍କୁ ହିଁ ତାହାର ଭରପୁର ଫାଇଦା ନେଉଛନ୍ତି। କାରଣ ସେମାନେ କମ ଦରରେ ଧାନ କିଣି ଆନ୍ଧ୍ରପ୍ରଦେଶରେ ଚଢ଼ା ଦରରେ ବିକ୍ରି କରୁଛନ୍ତି। ତେଣୁ ମଣ୍ଡି ଖୋଲିବା ଯାଏ ଚାଷୀ ଧର୍ଯ୍ୟ ଧରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ହିଁ କେମିତି ଧାନ ବିକ୍ରି କରିପାରିବେ ଓ ଅଭାବୀ ବିକ୍ରି ବନ୍ଦ ହେବ; ସରକାର ସେଥିପ୍ରତି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି। ନଚେତ୍ ଚାଷୀ ଏହାର ସୁଫଳ ପାଇବାରୁ ବଞ୍ଚିତ ହେବେ।

# ବଦଳି କ୍ଷେତ୍ରରେ କାର୍ଯ୍ୟକାରୀ ହେଉନି ନିର୍ଦ୍ଦେଶ

**ରସୁଲପୁର, ୨୧।୧୨ (ରଞ୍ଜିତ ରାଉତ):**

ଅଙ୍ଗନୱାଡି ସୁପରଭାଇଜରଙ୍କ ବଦଳିକୁ ନେଇ ଜାରି କରାଯାଇଥିବା ସରକାରୀ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଅଭିଯୋଗ ହେଉଛି। ରସୁଲପୁର ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗରେ କାର୍ଯ୍ୟରତ ୬ ସୁପରଭାଇଜର ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟ କରୁଛନ୍ତି। ନିର୍ଦ୍ଦିଷ୍ଟ ଏକ ବ୍ଲକରେ ଦୀର୍ଘଦିନ ଚାକିରିରେ ରହିବା ଯୋଗୁ ସେମାନେ ମନମୁଖୀ କାର୍ଯ୍ୟ କରୁଥିବା ଆଲୋଚନା ହେଉଛି। ନିୟମ ଅନୁଯାୟୀ ଜଣେ ଅଙ୍ଗନୱାଡି ସୁପରଭାଇଜର ଗୋଟିଏ ବ୍ଲକରେ ୬ବର୍ଷ ଓ ତାଠାରୁ ଅଧିକ ଦିନ କାର୍ଯ୍ୟ କରୁଥିଲେ ସେମାନଙ୍କୁ ଜିଲାର ଅନ୍ୟ ବ୍ଲକକୁ ବଦଳି କରାଯିବ। ମାତ୍ର ଏହି ନିୟମକୁ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଣଦେଖା କରାଯାଉଥିବା କୁହାଯାଉଛି।

ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ପତ୍ର ସଂଖ୍ୟା ଡବ୍ଲ୍ୟୁସିଡି-ଇଏଫ-ମିସ୍‌ସାଲେନିଅସ-୦୧୦୩-୨୦୨୪, ଚିଠି ସଂଖ୍ୟା-୧୬୭୬୫/ଡା୦୩/୦୮/୨୦୧୪ରେ ନିର୍ଦ୍ଦେଶ ଦିଆଯାଇ କୁହାଯାଇଛି କି ରାଜ୍ୟର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଆଇସିଡିଏସ୍ ସୁପରଭାଇଜମାନଙ୍କୁ ଜିଲା ମଧ୍ୟରେ ଅନ୍ୟତ୍ର ବଦଳି କରାଯାଉ। ହେଲେ ଏହି ନିର୍ଦ୍ଦେଶାନାମାକୁ ୪ମାସ ବିତି ସରିଥିବା ସତ୍ତ୍ୱେ ଜିଲା ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ନିର୍ବାଚନ ପୂର୍ବରୁ ଜିଆରଏସ(ଗ୍ରାମ ରୋଜଗାର ସେବକ)ଙ୍କୁ ଆକାଉଣ୍ଟାଣ୍ଟ୍ କମ୍ ଡାଟା ଏଣ୍ଟିଅପରେଟର(ଏଡିଇଓ) ପଦୋନ୍ନତି ଦିଆଯାଇ ଅନ୍ୟ ବ୍ଲକକୁ ବଦଳି କରାଯାଇଛି। ଚଳିତ ମାସରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନ୍ୟ ବ୍ଲକକୁ ବଦଳି କରାଯାଇଛି। ହେଲେ ଅଙ୍ଗନୱାଡି ସୁପରଭାଇଜରଙ୍କ ବଦଳି ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଏହାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଧର୍ମଶାଳାରେ ୨୦ ମିଲି ମିଟର ବର୍ଷା

**ଧର୍ମଶାଳା, ୨୧।୧୨ (ବଟକୃଷ୍ଣ ପରିଡ଼ା):**



କଟାହୋଇଥିବା ଧାନ ଦେଖାଉଛନ୍ତି ଚାଷୀ।

ବଙ୍ଗୋପସାଗରରେ ଲଘୁଚାପ ଯୋଗୁ ଶୁକ୍ରବାରଠାରୁ ଝିପଝିପ ବର୍ଷା ଲାଗିରହିଛି। ଧର୍ମଶାଳା ବ୍ଲକରେ ସର୍ବାଧିକ ୨୦ ମିଲି ମିଟର ବର୍ଷା ରେକର୍ଡ କରାଯାଇଛି। ବ୍ଲକର ହେକ୍ଟର ହେକ୍ଟର ଧାନ ବିଲରେ ପାଣି ଜମିଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଖରିପ ଋତୁରେ ୧୧ ହଜାର ୧୨୫ ହକ୍ଟର ଜମିରେ ଧାନ ଚାଷ କରିବାକୁ ସରକାରୀ ଭାବେ ଲକ୍ଷଧାର୍ଯ୍ୟ କରାଯାଇଥିଲା। ତେବେ ବିଳମ୍ବ ବର୍ଷା ଯୋଗୁ ୧୧୨୫ ହେକ୍ଟର ଜମିରେ ଧାନଚାଷ ଉଜୁଡିଯାଇଥିଲା। ଚାଷୀମାନେ ୭୦୦ ହେକ୍ଟର ଜମିରେ ହୋଇଥିବା ଛୋଟ ଧାନ ଅମଳ କରି ଖଳାରେ ରଖିଥିବା ବେଳେ ୨ହଜାର ହେକ୍ଟର ଜମିରେ ଧାନ ଫସଲ କଟାଯାଇ ବିଲରେ ପଡିରହିଛି। କଟାଯାଇଥିବା ଧାନ ମଧ୍ୟରୁ ବର୍ଷା ଯୋଗୁ ୫୦୦ ହେକ୍ଟର ଜିମିରେ ହୋଇଥିବ ଧାନ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ବ୍ଲକରେ ବ୍ୟାପକ ଅଞ୍ଚଳରେ ଧାନ ଫସଲ ନଷ୍ଟ ହୋଇଥିବାନେଇ କୃଷକନେତା ବସନ୍ତ

**୫୦୦ ହେକ୍ଟର ଧାନ ଫସଲ ନଷ୍ଟ ଆଶଙ୍କା**

ପରିଡା, ଚାଷୀ ଲୋକନାଥ ପଲେଇ, ଗଣେଶ୍ୱର ରାଉତ, ଦୋଳଗୋବିନ୍ଦ ସେଠୀ, ଅନନ୍ତ ସେଠୀ, ପଦ୍ମନାଭ ସେଠୀ, ସୁନାକର ସାହୁ, ନେତ୍ରାନନ୍ଦ ଦାସ ଓ ନନ୍ଦକିଶୋର ଦାସ ପ୍ରମୁଖ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବ୍ଲକ କୃଷି ଅଧିକାରୀ ତୁସାରକାନ୍ତ ସେଠୀ କହିଛନ୍ତି, ଅଦିନିଆ ଲଘୁଚାପ ଜନିତ ବର୍ଷା ଲାଗିରହିଲେ ବ୍ୟାପକ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ବର୍ଷା ଯୋଗୁ ଧାନ ଚାଷରେ ହୋଇଥିବା କ୍ଷୟକ୍ଷତି ଆକଳନ ପାଇଁ ସେ ସମସ୍ତ ଗ୍ରାମସେବକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

DSPL - 265

ସତ୍ୟମେବ ଜୟତେ
Goverment Of India

## ପି.ଏମ୍ କିଷାନ
## ଯୋଜନାର ସ୍ୱତନ୍ତ୍ର ଅଭିଯାନ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସମସ୍ତ ବର୍ଗର ଭୂମିଧାରୀ (କ୍ଷୁଦ୍ର, ନାମମାତ୍ର, ମଧ୍ୟମ ଓ ବୃହତ) ଚାଷୀ ଏହି ପ୍ରକ୍ରିୟାରେ ସାମିଲ ହେବେ

ପିଏମ କିଷାନରେ ପଞ୍ଜିକୃତ ଥାଇ ମଧ ସହାୟତା ରାଶି ପାଇପାରୁନଥିବା ହିତାଧିକାରୀ ନିମ୍ନଲିଖିତ ପ୍ରକ୍ରିୟାଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ:-

* ନିଜର ବ୍ୟାଙ୍କ ଆକାଉଣ୍ଟ ସହିତ NPCI ଅଧୀନରେ ଆଧାର ଲିଙ୍କ୍ କରନ୍ତୁ
* ନିଜର ଜମିଜମା ସମ୍ବନ୍ଧୀୟ ତଥ୍ୟ କୃଷକ ଓଡିଶା ପୋର୍ଟାଲରେ ଅପଡେଟ କରନ୍ତୁ
* ପି.ଏମ କିଷାନ ପୋର୍ଟାଲ (pmkisan.gov.in)ରେ ନିଜର e-KYC ସମ୍ପୂର୍ଣ୍ଣ କରନ୍ତୁ

ପି.ଏମ୍.କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନର ଅବଧି ୩୧.୧୨.୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।



*ଯୋଗ୍ୟ ହିତାଧିକାରୀ ନିକଟସ୍ଥ ଜନସେବା କେନ୍ଦ୍ରକୁ ଯାଇ ସି.ଏମ କିଷାନ ପୋର୍ଟାଲ (cmkisan.odisha.gov.in)ରେ ପଞ୍ଜିକରଣ କରନ୍ତୁ।

ଅଧିକ ସୂଚନା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ/ଜନସେବା କେନ୍ଦ୍ର/କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର - ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-01510/13/0025/2425

# ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୨୧।୧୨(ଅଜୟ କୁମାର ମହାରଣା)

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନ ଖଣ୍ଡପଡା ଚନ୍ଦ୍ର ଶେଖର ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ୨୦୨୪ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୁପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନବୀନ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ନୟାଗଡ଼ ଜିଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଦୁଷ୍ମନ୍ତ କୁମାର ପୃଷ୍ଟି ଓ ଚିଞ୍ଚି ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ସେ ଅନୁଷ୍ଠାନର ବିଭିନ୍ନ ଅଭାବ ଅସୁବିଧା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ସ୍ୱାଇଁ ଅନୁଷ୍ଠାନର ଉନ୍ନତି କାମନା କରିବା ସହ ବିଭିନ୍ନ ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେବା ସହ ଉକ୍ତ ବିଦ୍ୟାଳୟଟିକୁ ପୋଷ୍ୟ ବିଦ୍ୟାଳୟ ଭାବେ ସେ ଗ୍ରହଣ କଲେ ବୋଲି ଘୋଷଣା କରିଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନୟାଗଡ଼, ଗଞ୍ଜାମ, ଗଜପତି, ମୟୁରଭଞ୍ଜ, କେନ୍ଦୁଝର, ନୂଆପଡା, କନ୍ଧମାଳ, ବୌଦ୍ଧ ଆଦି ଅଞ୍ଚଳରୁ ଅଧ୍ୟୟନରତ ଛାତ୍ରୀ ଛାତ୍ରଙ୍କ ଅଭିଭାବକ ମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ ।



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

# ପଠାଣି ସାମନ୍ତ ସଂଗ୍ରହାଳୟର ପ୍ରତିଷ୍ଠା ଦିବସ

ଖଣ୍ଡପଡ଼ା,୨୧।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରସ୍ଥିତ ପଠାଣି ସାମନ୍ତ ସଂଗ୍ରହାଳୟର ୮ମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି । ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ପ୍ରମୁଖ ଯୋଗଦେଇଥିଲେ । ଯୁବ ସମାଜସେବୀ ବିନାୟକ ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ପ୍ରାରମ୍ଭରେ ପଣ୍ଡିତ ମନୋଜ କୁମାର ଦାଶ ବେଦପାଠ କରିବା ସହ ପଠାଣି ସାମନ୍ତଙ୍କ ସୁଦୁର ପ୍ରସାରୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ପଠାଣି ସାମନ୍ତ ଥିଲେ ଅସାଧାରଣ ପ୍ରତିଭାର ଅଧିକାରୀ । ତେଣୁ ସାମନ୍ତଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଜନ୍ମମାଟି ଖଣ୍ଡପଡ଼ାରେ ଏକ ପ୍ଲାନେଟୋରିୟମ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର ଘୋଷଣା କରିଥିବା ନେଇ ବିଧାୟକ ସୂଚନା ଦେବା ସହ ଖୁବ୍‌ଶିଘ୍ର ପଠାଣି ସାମନ୍ତ ସଂଗ୍ରହାଳୟର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ମତ ଦେଇଥିଲେ । ଏହି ଅବସରରେ ଆୟୋଜିତ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପୁରସ୍କାର ବାବଦରେ ପ୍ରଦାନ କରାଯାଇଥିଲା । ପଠାଣି ସାମନ୍ତ ସଂଗ୍ରହାଳୟ ପକ୍ଷରୁ ପାଳିତ ପ୍ରତିଷ୍ଠା ଦିବସରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିବେଷଣରେ ବିବେକା ନନ୍ଦ ରଥ, ସୁଶାନ୍ତ କୁମାର ମହାରଣା ଓ ଶ୍ରଦ୍ଧାଞ୍ଜଳି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ନୂଆବର୍ଷରେ ଫୁଲତୋଡ଼ା ଓ ଡାଏରୀ ଉପହାର ମନା

ନୟାଗଡ଼,୨୧।୧୨
(ଲୋକନାଥ ମିଶ୍ର)

ଜିଲାପାଳ ଓ ଜିଲାର ସମସ୍ତ ଅଧିକାରୀଙ୍କୁ ନବବର୍ଷର ଅଭିନନ୍ଦନ ପାଇଁ ଫୁଲତୋଡା ଓ ଡାଏରୀ ଦେବାକୁ ଜିଲାପାଳ ମନା କରିଛନ୍ତି । ଏନେଇ ଖବରଦାତାଙ୍କୁ ସୂଚନା ଦେବାକୁ ଯାଇ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କହିଛନ୍ତି ନବବର୍ଷର ଶୁଭେଚ୍ଛାରେ ଫୁଲତୋଡା ଓ ଡାଏରୀକୁ ମନା କରାଯାଇଛି । ବଦଳରେ ଖାତା, କଲମ, ପେନସିଲ, କମ୍ପାସ ବେଦାକୁ ଅନୁରୋଧ କରିଛନ୍ତି । ନବବର୍ଷରେ ଯାହା ଉପକରଣ ମିଳିବ ତାକୁ ଆଶ୍ରମ ସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯିବ । ଅଯଥାରେ ଫୁଲ ଓ ଡାଏରୀ ଦେଇ ଟଙ୍କା ଖର୍ଚ୍ଚ କରନ୍ତୁ ନାହିଁ ବୋଲି ଜିଲାପାଳ କହିଛନ୍ତି । ତେବେ ଜିଲାପାଳଙ୍କ ଏପରି ପରାମର୍ଶ ପରେ ଫୁଲ ଦୋକାନୀ ଓ ବହି ଦୋକାନୀଙ୍କ ଚିନ୍ତା ବଢ଼ିଛି । ସେମାନଙ୍କ ବ୍ୟବସାୟରେ ଆଞ୍ଚ ଆସିବ ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି ।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ଦାବି କଲା କୃଷକ ସଙ୍ଗଠନ

ଖଣ୍ଡପଡ଼ା,୨୧।୧୨
(ଅଜୟ କୁମାର ମହାରଣା)

ଗତ ୨ ଦିନ ଧରି ଲଗାଣ ବର୍ଷାର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି ହଜାରରୁ ଊର୍ଦ୍ଧ୍ୱ ଚାଷୀ ପରିବାର । ବର୍ଷାରେ କ୍ଷତି ହୋଇଛି ଧାନ ଫସଲ । ଶତାଧିକ ହେକ୍ଟର ଚାଷ ଜମିରେ କଟା ହୋଇ ପଡିଥିବା ଧାନ ପାଣିରେ ଭିଜୁଛି । ଫସଲ ଉଜୁଡି ଯିବା ଦେଖି ଚାଷୀ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି । କ୍ଷତିଗ୍ରସ୍ତ ଚାଷୀ ପରିବାରକୁ କ୍ଷତି ପୂରଣ ବାବଦରେ ଆର୍ଥିକ ସହାୟତା ରାଶି ପ୍ରଦାନ ନିମନ୍ତେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ନବ ନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ ଦାବି କରିଛନ୍ତି । କୃଷି ବିଭାଗ ଅଧିକାରୀମାନେ ବିଭିନ୍ନ ଅଞ୍ଚଳକୁ ପରିଦର୍ଶନରେ ଯାଇ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ତୁରନ୍ତ ପ୍ରଦାନ କରିବାକୁ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବି ହୋଇଛି । ଏତଦ୍ ବ୍ୟତୀତ ଖଣ୍ଡପଡା ବ୍ଲକ୍ ଅଧୀନ ସମସ୍ତ ମଣ୍ଡି ଖୋଲିବା ନିମନ୍ତେ ଜିଲା ଯୋଗାଣ ଅଧିକାରୀ, ଜିଲାପାଳ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ କୃଷକ ସଂଗଠନ ଦାବି କରିଛି ।

# ମା'ମହାମାୟୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଖଣ୍ଡପଡ଼ା,୨୧।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ଗ୍ରାମର ମୁଣ୍ଡିଆ ହନୁମାନଙ୍କ ପୀଠରେ ମା' ମହାମାୟୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶବିବାର ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ବ୍ରାହ୍ମଣ ସମାଜ ପକ୍ଷରୁ ସରୋଜ ନନ୍ଦ, ବିଶ୍ୱମ୍ଭର ମିଶ୍ର ଓ କୃଷ୍ଣଚନ୍ଦ୍ର ନନ୍ଦ ସମସ୍ତ ଦାୟିତ୍ୱ ତୁଲାଇଥିଲେ । କର୍ତ୍ତା ଭାବେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ଅଧୀନ ନଇତଇଲା ଗ୍ରାମର କିଶୋର ଦାସ ଓ ମଞ୍ଜୁଲତା ଦାସ ସମସ୍ତ ଦାୟିତ୍ୱ ତୁଲାଇଥିଲେ । ନୂତନ ମନ୍ଦିର ପରିସରରେ ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ଶେଷ ପରେ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ପରେ ନୂତନ ବିଗ୍ରହଙ୍କୁ ଆସ୍ଥାନରେ ସ୍ଥାପନ କରାଯାଇଥିଲା । ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଉକ୍ତ ମନ୍ଦିରରେ ଉପସ୍ଥିତ ରହି ମା'ଙ୍କୁ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ ।



# ସଜନାପଡାରେ ବୋମାମାଡ଼, ଉତ୍ତେଜନା

ନୟାଗଡ଼,୨୧।୧୨(ଲୋକନାଥ ମିଶ୍ର)

ଇଟାମାଟି ଥାନା ସଜନାପଡ଼ା ଗାଁରେ ବୋମାମାଡ଼କୁ ନେଇ ଶନିବାର ଉତ୍ତେଜନା ପ୍ରକାଶ ପାଇଛି । ସନ୍ଧ୍ୟାରେ ଗୋପୀନାଥ ମନ୍ଦିର ନିକଟରେ ବୋମାମାଡ଼ ହେବା ପରେ ସଜନାପଡ଼ାର ଉଲାସ ମାନସିଂ(୪୭), କଲ୍ୟାଣୀ ମହାରଣା(୩୫), ବିଶ୍ୱ ମହାରଣା(୧୫), ତୁଳସୀ ମହାରଣା(୧୦) ପ୍ରମୁଖ ୪ଜଣ ଆହତ ହୋଇଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟରେ ସେମାନଙ୍କୁ ଭର୍ତ୍ତି କରାଯାଇଛି । ଇଟାମାଟି ଥାନା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମାନସ ମଙ୍ଗରାଜ ଓ ପ୍ରକାଶ ମଙ୍ଗରାଜ ୨ ଭାଇଙ୍କ ମଧ୍ୟରେ ଜମିବାଡ଼ି ଓ ସମ୍ପତ୍ତିକୁ ନେଇ ବିବାଦ ଥିଲା । ମାନସ କୁଆଡେ ବୋମା ମାଡ଼ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ତେବେ ଏ ସମ୍ପର୍କରେ କୌଣସି ଅଭିଯୋଗ ହୋଇ ନାହିଁ ବୋଲି ପୋଲିସ କହିଛି ।



ଆହତ ଭଉଣୀ ଓ ଭାଇ ।



# ଅଦିନିଆ ବର୍ଷା, ସଙ୍କଟରେ ଧାନଚାଷୀ

ରାଜକନିକା,୨୧।୧୨(ସଞ୍ଜୟ କୁମାର ଦାଶ)



କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କୃଷି ବିଭାଗ ଆକଳନ ଅନୁଯାୟୀ ଚଳିତ ଖରିଫ ଋତୁରେ ପ୍ରାୟ ୧୪ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା । ଚାଷୀର ଫସଲ ବଞ୍ଚିବା ପାଇଁ ଯେତେବେଳେ ବର୍ଷାର ନିତ୍ୟାନ୍ତ ପ୍ରୟୋଜନ ଥିଲା, ସେତେବେଳେ ଚାଷୀଙ୍କ ସହ ଲୁଚକାଳି ଖେଳିଥିଲା । ଫଳରେ ବର୍ଷାକୁ ଚାହିଁ ଚାଷୀର ଚାଷ ବିଳମ୍ବ ହୋଇଥିଲା । ହେଲେ ଏବେ ଅମଳ ସମୟରେ ଚାଷୀର ବର୍ଷାର ଆଦୌ ପ୍ରୟୋଜନ ନ ଥିବା ବେଳେ, ଦାଉ ସାଧିଛି ଅଦିନିଆ ବର୍ଷା । ଧାନ ଉଜୁଡିବା ଭୟ ଚାଷୀଙ୍କୁ ଘାରିଲା । ସଙ୍କଟରେ ଧାନ ଚାଷୀ । ଶୁକ୍ରବାର ଠାରୁ ଶନିବାର ଦିନ ତମାମ କୋହଲା ପାଗ ସାଙ୍ଗକୁ ଝିପଝିପ ବର୍ଷା ଚାଷୀ ଆଖିରୁ ନିଦ ହଜାଇ ଦେଇଛି । ଆଗରୁ ଅମଳ କରିଥିବା କିଛି ଚାଷୀ ଏବେ ତା'ର ସୁନାର ଫସଲକୁ ଅମଳ କରି ଖଳା, ରାସ୍ତା କଡ ବା ନିଜ ଛାତ ଉପରେ ଘୋଡାଇ ରଖିଛି । ହେଲେ, ଲଗାଣ ଝିପି ଝିପ ବର୍ଷାରେ ସାଧାରଣ ପାଣିପାଲ କେତେଦୂର ଅମଳ ଧାନକୁ ସୁରକ୍ଷା ଦେବ ସେହି ଚିନ୍ତାରେ ଚାଷୀ ।

ପଛରେ ଚାଷ କରିଥିବା କେତେଜଣ ଚାଷୀ ଏବେ ଅମଳ କରିଥିଲେ । କଟାଯାଇଥିବା ଧାନ ଗଛଗୁଡିକ ବିଲରେ ପଡିଛି । ସେହି ଧାନଗୁଡିକ ଗଜା ହୋଇଯିବା ଆଶଙ୍କା ରହିଛି । ଚଳିତ ବର୍ଷ ଭଳି ଫସଲ ହୋଇଥିବା ଦେଖି ଚାଷୀ ଖୁସି ହେଉଥିଲା । ଭାବିଥିଲା ଚାଷ ପାଇଁ ହୋଇଥିବା ସମସ୍ତ ଋଣ ପରିଶୋଧ କରି ପରିବାର ପ୍ରତିପୋଷଣ ପାଇଁ ବର୍ଷକର ଦାନା ଗଚ୍ଛିତ ରଖିବ । ହେଲେ, ଲଘୁଚାପ ଜନିତ ଅଦିନିଆ ବର୍ଷା ଚାଷୀଙ୍କୁ ନିରାଶା କରିଛି । ଯେଉଁ ପରି ଭାବେ ଦୁଇଦିନ ଧରି ବର୍ଷା ଲାଗିରହିଛି, ତାହା ଏମିତି ଆଉ ଦିନେ କି ଦୁଇଦିନ ଲାଗିରୁହେ ତେବେ ଚାଷୀ ମୁଣ୍ଡରେ ଚଡ଼କ ପଡିବ । ଧାନ ବିକ୍ରୀ କରି ଋଣ ଶୁଝିବା ହଉ କି ବର୍ଷକ ପାଇଁ ଦାନା ସଞ୍ଚୟ କରିବା ସବୁ ସ୍ୱପ୍ନ ତା'ର ସପ୍ନରେ ରହିଯିବ । ସରକାର ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୧୮୩ ରୁ ଇନ୍‌ପୁଟ ରିହାତି କୁଣ୍ଟାଲ ପ୍ରତି ୮ଶହ ଟଙ୍କା ସହ ୩୧ଶହ ଟଙ୍କାକୁ ବୃଦ୍ଧି କରିଛନ୍ତି । ଧାନ ଭଲ ହେବାକୁ ସରକାରଙ୍କ ସହଯୋଗ ଚାଷୀଙ୍କ ମନରେ ଆଶା ସଞ୍ଚାର କରିଥିବା ବେଳେ ନିରାଶ କରିଛି ଅଦିନିଆ ବର୍ଷା । ଚଳିତ ଥର ସରକାର ଏଫଏକ୍ୟୁ ମାନର ଧାନ ଦେବାପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି । କିନ୍ତୁ ଏପରି ପରିସ୍ଥିତିରେ ଏହି ମାନର ଧାନ ସଂଗ୍ରହରେ ବାଧା ସୃଷ୍ଟି ହେବାର ଆଶଙ୍କା ଉପୁଜି ପାରେ ବୋଲି ଚାଷୀ ଆଶଙ୍କା କରିଛି ।

# ଲଘୁଚାପ ବର୍ଷା ଉଜାଡ଼ିଦେଲା ବର୍ଷକର ଆହାର



ବର୍ଷା ପାଣିରେ ବୁଡ଼ି ରହିଛି ଧାନ ଫସଲ ।

ମହାକାଳପଡ଼ା,୨୧।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଲଘୁଚାପଜନିତ ବର୍ଷା କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ଅଞ୍ଚଳରେ ପାଚିଲା ଧାନ ଫସଲ ଉଜାଡ଼ି ଦେଇଛି । ଏଥିଯୋଗୁ ଉନ୍ନତ କିସମ ଧାନ ବେରଙ୍ଗର ହେବାର ଆଶଙ୍କା ରହିଛି । ଏଥିପାଇଁ ଧାନ ବିକ୍ରି ବେଳେ ନାନା ସମସ୍ୟା ସୃଷ୍ଟି ହେବ ବୋଲି ଚାଷୀମାନଙ୍କ ମଧ୍ୟରେ ଭାଳେଣି ପଡ଼ିଛି ।

ସୂଚନା ଅନୁଯାୟୀ, ମହାକାଳପଡ଼ା ବ୍ଲକର ଉପକୂଳ ଅଞ୍ଚଳରେ ମୋଟ ୨୮ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମି ରହିଛି। ସେଥିରୁ ୭ ହଜାର ହେକ୍ଟର ଜଳସେଚିତ ଜମିରେ କେନାଲ ଜଳସେଚନ ଓ ଉଠା ଜଳସେଚନ ମାଧ୍ୟମରେ ବିଭିନ୍ନ ଫସଲ ଅମଳ ହେଉଛି। ସେହିପରି ଆଳୁ, ଚିନାବାଦାମ, ଲଙ୍କା, ପନିପରିବା, ଝୋଟ, ମୁଗ, ବିରି, କୋଳଥ, ଚଣା, ସୂର୍ଯ୍ୟମୁଖୀ ସମେତ ମହାନଦୀ, ଲୁଣା, ପାଇକା ନଦୀ ପଠାରେ ବିଭିନ୍ନ ଫସଲ ଉତ୍ପାଦନ ହେଉଛି। ହେଲେ ଏହି ବର୍ଷାରେ ଧାନ ଫସଲ ସମେତ ଅନ୍ୟାନ୍ୟ ଫସଲ ନଷ୍ଟ ଆଶଙ୍କା ରହିଛି ବୋଲି ଚାଷୀ ହରି ଗୋଚ୍ଛାୟତ, ଶିଶିର ସ୍ୱାଇଁ, ବାବାଜୀ ସ୍ୱାଇଁ ପ୍ରମୁଖ କହିଛନ୍ତି। ବିଶେଷ କରି ବ୍ଲକର ତିଖିରି , ଅମେଇପାଳ , ଖୁରୁସିଆ, ପାଟୁଳି ପଙ୍କ, ତେରଗାଁ, ଯଦୁପୁର, ବଡ଼କୂଳ, କରଞ୍ଜୀ, ମହାକାଳପଡା, ଦେଉଳ ପଡ଼ା, ବିଜୟନଗର, ପେଟଛେଲା, ବଉଳ କଣି, ରାମନଗର, ଗଡ଼ରୋମିତ, ମଙ୍ଗଳପୁର, ବରକନ୍ଧା, ବତୀଘର, ଖରୀନାସି, ଜମ୍ବୁ, ସୁନିତି, ନାଞ୍ଜୁରା ଗୋଗୁଆ ଆଦି ୩୧ ପଞ୍ଚାୟତରେ ପାଚିଲା ଧାନ ଫସଲ ନଷ୍ଟ ଯୋଗୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଖାଲ ପାଟ ଜମିରେ ପାଚିଲା ଧାନ ଭାସୁଛି। ସରକାର ଏହାର ତଦନ୍ତ କରି ଚାଷୀଙ୍କ ଫସଲର କ୍ଷତି ଭରଣା କରିବାକୁ ବୁଦ୍ଧିଜିବୀ ବିରଞ୍ଚି ନାରାୟଣ ଦାସ ଦାବି କରିଛନ୍ତି ।

# ୭ ଲୁଟେରା ଗିରଫ, ଲୁଟ୍ ସାମଗ୍ରୀ ଜବତ

## ଶ୍ୱଶୁର,ବୋହୂଙ୍କୁ ଆକ୍ରମଣ କରି ଲୁଟ୍ ଘଟଣା

ଆଳି,୨୧।୧୨(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ସହିରା ଅଙ୍ଗାରଖ ଗ୍ରାମର ପ୍ରଭାକର ପ୍ରଧାନଙ୍କ ଘରେ ଗତ ୪ ତାରିଖ ସନ୍ଧ୍ୟାରେ ଘଟିଥିବା ଲୁଟ୍ ଘଟଣାରେ ପୋଲିସ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଆଳିଥାନା ଆଇଆଇସି ଶନିବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ପଟ୍ଟାମୁଣ୍ଡାଇ ମାଟିଆ ଗାଁର ପ୍ରଦୀପ ମଳିକ, ତଳତେଲେଙ୍ଗା ଗ୍ରାମର ସଞ୍ଜୟ ମଳିକ, ପଣ୍ଟୁରି ଗ୍ରାମର ଜୟନ୍ତ ରାଉତ, ବଡ଼ମୁଲୁବସନ୍ତ ଗ୍ରାମର କିରଣ ସେଠୀ, ନିକିରାଇ ଥାନା ମୁଗବାଡି ଗ୍ରାମର ବାବୁସେକ ମୁସ୍ତାକିମ, ମାର୍ଶାଘାଇ ଥାନାର ଜୁଣଛକ ଗ୍ରାମର ହୃଷିକେଶ ମଳିକ, କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ବଡ଼ ଗାଁର ରାମଚନ୍ଦ୍ର ସାହୁ । ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ନିକଟରୁ ଗୋଟିଏ ହାତ ତିଆରି ପିସ୍ତଲ, ୨ ତେଲେଙ୍ଗା କଟୁରି, ୩ ମୋଟରସାଇକେଲ, ୩୦ ଗ୍ରାମ ସୁନା, ୨୩୫ ଗ୍ରାମ ରୁପା ଗହଣା, ୪୬ ହଜାର ଟଙ୍କା ସହିତ ୬ ମୋବାଇଲ ଫୋନ ଜବତ କରାଯାଇଛି ।

ସୂଚନାଯୋଗ୍ୟ, ଗତ ୪ ତାରିଖ ସନ୍ଧ୍ୟାରେ ଅଙ୍ଗାରଖ ଗ୍ରାମର ପ୍ରଭାକର ପ୍ରଧାନଙ୍କ ବୋହୂ ଗୁରୁବାର ଓଷା ପାଇଁ ଘର ଦୁଆର ମୁହଁରେ ଚିତା ପକାଉଥିଲେ । ଏହି ସମୟରେ ଲୁଟେରାମାନେ ତାଙ୍କ ଘରେ ଗାଡ଼ି ଭଡା ନେବା ବାହାନାରେ ପଶି ପ୍ରଭାକର ଓ ତାଙ୍କ ବୋହୂଙ୍କୁ ମରଣାନ୍ତକ ଆକ୍ରମଣ କରି ଘରୁ ଟଙ୍କା, ସୁନା ଆଦି ଲୁଟି ଫେରାର ହୋଇ ଯାଇଥିଲେ । ଏ ନେଇ ପୋଲିସ ଏକ ମାମଲା(ନଂ.୭୦୬/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା ।



ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀକୁ ପୋଲିସ ଉପସ୍ଥାପନା କରିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଚିନ୍ମୟ



@ ହିମାଂଶୁ



@ ପିଙ୍କୁ



@ ରମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୨୭ ଅଭିଯୋଗ ପଞ୍ଜୀକୃତ

## ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର

ଡେରାବିଶ,୨୧।୧୨
(ବେବର୍ତ୍ତା ଅଜୟ ଦାସ)



ଗୁଆଲସିଂ ପଞ୍ଚାୟତ ସଭାଗୃହରେ ଡେରାବିଶ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ୧୨୭ହିତାଧିକାରୀ ସେମାନଙ୍କ ଅଭିଯୋଗ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ପଞ୍ଜିକୃତ କରିଥିଲେ । ସେଥିମଧ୍ୟରୁ ସରକାରୀ ଆବାସ ଓ ରାଶନ କାର୍ଡ ଏବଂ ଅଳ୍ପ ସଂଖ୍ୟାରେ ଶିକ୍ଷା,ସ୍ୱାସ୍ଥ୍ୟ, ପାନୀୟ ଜଳ ଇତ୍ୟାଦି ସମ୍ପର୍କିତ ଅଭିଯୋଗ ଥିଲା। ଏହି ଶିବିରରେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଳିକ, ବିଡିଓ ନମିତା ବାରିକ, ତହସିଲଦାର ପ୍ରଜ୍ଞା ପରମିତା ପୃଷ୍ଟି, ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ଦାସ, ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଛତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ବେହେରା, ସିଡିପିଓ ହରପ୍ରିୟା ଦେବୀ, ବ୍ଲକ ସହକାରୀ ଯନ୍ତ୍ରୀ ମନୋଜ କୁମାର ରାଉତ, ଯନ୍ତ୍ରୀ ଅନୀଲ କୁମାର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ହିତାଧିକାରୀମାନଙ୍କଠାରୁ ଅଭିଯୋଗ ଗ୍ରହଣ କରିଥିଲେ । ସରପଞ୍ଚଙ୍କ ପ୍ରତିନିଧି ଦିଲୀପ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜନ ଅଭିଯୋଗ ଶୁଣାଣି ଶିବିର ପରିଚାଳନାରେ ସମସ୍ତ ୱାର୍ଡସଭ୍ୟା ସଭ୍ୟଙ୍କ ସମେତ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ ।

# ଜିଲାର ୪ ବାଲ୍ ବୈଜ୍ଞାନିକଙ୍କ ପ୍ରକଳ୍ପ ଜୋନ୍‌ସ୍ତରକୁ ମନୋନୀତ

କେନ୍ଦ୍ରାପଡ଼ା,୨୧।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ୪ ବାଲ ବୈଜ୍ଞାନିକଙ୍କ ପ୍ରକଳ୍ପ ଜୋନସ୍ତରକୁ ମନୋନୀତ ହୋଇଛି । କେନ୍ଦ୍ରାପଡ଼ା ବ୍ଲକ ତରାଣ୍ଡୋସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସ୍ୱାତୀପ୍ରଭା ରଥଙ୍କ ଖାଦ୍ୟ ସ୍ୱାସ୍ଥ୍ୟ ବିଷୟ ସମ୍ପର୍କିତ ପ୍ରକଳ୍ପ ପ୍ରଥମ ସ୍ଥାନ ପାଇଛି । ସେହିପରି ପଟ୍ଟାମୁଣ୍ଡାଇ ଗଙ୍ଗାରାମପୁରର ପଞ୍ଚାୟତ ବିଦ୍ୟାଳୟର ଛାତ୍ର ପ୍ରାଣତୋଷ ପ୍ରଧାନ, ଇନ୍ଦୁପୁରର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ରଶ୍ମିରଞ୍ଜନ ସାହୁ, ଗୋଲବନ୍ଧର ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସନ୍ତୋଷ କୁମାର ବାରିକଙ୍କ ପ୍ରକଳ୍ପ ମନୋନୀତ ହୋଇଛି । ଏହି ବାଲ ବୈଜ୍ଞାନିକମାନେ ନିଜ ପ୍ରକଳ୍ପକୁ କଲିକତାରେ ହେଉଥିବା ପ୍ରତିଯୋଗିତାରେ ପ୍ରଦର୍ଶନ କରିବେ । ଜିଲା ଶିକ୍ଷା ଅଧିକାରୀ ପ୍ରଦୀପକୁମାର ନାଗ ଏହି କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଶନିବାର ଶୁଭେଚ୍ଛା ଜଣାଇଛନ୍ତି ।

# ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ବଦଳିଲେ ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟି

## ୧୦ବର୍ଷରେ ୫୦ ଲକ୍ଷ ଟଙ୍କା ଅନିୟମିତା ଅଭିଯୋଗ ପ୍ରସଙ୍ଗ

ମହାକାଳପଡ଼ା,୨୧।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ଉପକୂଳର ପ୍ରମୁଖ ଶକ୍ତିପୀଠ ଦରିଆ ମା'ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟି ବୋର୍ଡ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କ ହସ୍ତକ୍ଷେପ ପରେ ପରିବର୍ତ୍ତନ କରାଯାଇଛି । ଦୀର୍ଘଦିନରୁ ଏହି ପୀଠର ଆୟବ୍ୟୟ ସଂକ୍ରାନ୍ତରେ କୌଣସି ତଥ୍ୟ ମିଳୁ ନ ଥିଲା । ପ୍ରାୟ ୧୦ ବର୍ଷ ହେବ ଏହି ବାବଦରେ ୫୦ ଲକ୍ଷ ଟଙ୍କାର ଅନିୟମିତତା ହୋଇଥିବା ମା'ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ ଅଭିଯୋଗ କରାଯାଇଥିଲା । ମା'ଙ୍କ ଭୂସମ୍ପତ୍ତି ଉଦ୍ଧାର , ଟ୍ରଷ୍ଟି ଦାୟିତ୍ୱରେ ଥିବା ମଥୁରୀ ସେନାପତିଙ୍କୁ ଦାୟିତ୍ୱରୁ ହଟାଇବା ପାଇଁ ସେନା ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଥିଲା। ଏ ନେଇ ଦେବୋତ୍ତର କମିଶନଙ୍କୁ ଗତ ୧୩ ତାରିଖ ଦିନ ସେନାର ସଦସ୍ୟମାନେ ଭେଟି ଲିଖିତ ଅଭିଯୋଗ କରିଥିଲେ। ୧୦ ବର୍ଷ ମଧ୍ୟରେ ମନ୍ଦିର ଆୟବ୍ୟୟର କୌଣସି ସ୍ୱତନ୍ତ୍ର ଅଡିଟ୍ ହୋଇନାହିଁ ବୋଲି ଦର୍ଶାଯାଇଥିଲା । ସେହିପରି ବରିଷ୍ଠ ଭାଜପା ନେତା ତଥା ରାଜ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା ଗତ ୧୮ ତାରିଖରେ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ଭେଟି ମନ୍ଦିର ଟ୍ରଷ୍ଟିଙ୍କୁ ବଦଳାଇବା ପାଇଁ ଦାବି କରିଥିଲେ। ସେହିଦିନ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟିଙ୍କୁ ମୁଖ୍ୟ ଦେବୋତ୍ତର କମିଶନ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ନଂ.୧୦୪୨/୨୮,୧୨,୨୪ ଅନୁଯାୟୀ ଟ୍ରଷ୍ଟିଙ୍କୁ ଦାୟିତ୍ୱରୁ ହଟାଯାଇଛି । ସେହି ଦାୟିତ୍ୱ ମହାକାଳପଡ଼ା ତହସିଲଦାରଙ୍କୁ ପ୍ରଦାନ କରାଯାଇଛି ବୋଲି ଚିଠିରେ କମିଶନଙ୍କ ନିର୍ଦ୍ଦେଶ ରହିଛି। ଅପରପକ୍ଷେ ଚଳିତମାସ ୩୦ ତାରିଖ ସୁଦ୍ଧା ଦାୟିତ୍ୱରେ ଥିବା ଟ୍ରଷ୍ଟି ମଥୁରୀ ସେନାପତି ମହାକାଳପଡ଼ା ତହସିଲଦାରଙ୍କୁ ମା'ଙ୍କ ସମସ୍ତ ଆୟବ୍ୟୟ, ହିସାବ ରସିଦ, ମା'ଙ୍କ ବ୍ୟାଙ୍କ ଆକାଉଣ୍ଟ ଜମା ଅର୍ଥର ରସିଦ ଆଦି ହସ୍ତାନ୍ତର କରିବା ପାଇଁ କମିଶନଙ୍କ ନିର୍ଦ୍ଦେଶ ରହିଛି।



ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ଭାଜପା ନେତା ଭୁବନ ମୋହନ ଜେନା ଦାବିପତ୍ର ପ୍ରଦାନ କରୁଛନ୍ତି ।

# ଅଗ୍ନିକାଣ୍ଡରେ ଗୋଟିଏ ପରିବାର ସର୍ବସ୍ୱାନ୍ତ



ଜଳି ଯାଇଥିବା ଘର ।

ପଟ୍ଟାମୁଣ୍ଡାଇ,୨୧।୧୨(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅତାଖଣ୍ଡ ଗ୍ରାମରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି । ରୋଷଇ ବେଳେ ରନ୍ଧନ ଗ୍ୟାସ ସିଲିଣ୍ଡରରୁ ହଠାତ୍ ନିଆଁ ବାହାରି ଏହି ଦୁଃଖଦ ଘଟଣା ଘଟିଥିଲା । ସୌଭାଗ୍ୟବଶତଃ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ଘରର ସମସ୍ତ ଆସବାବପତ୍ର, ମୋଟର ସାଇକେଲ, ଲୁଗା ଓ ପୋଷାକପତ୍ର, ଆଧାର କାର୍ଡ,ଭୋଟର ପରିଚୟପତ୍ର, ଚାଉଳ, ସୁନାଗହଣା ଓ ନଗଦ ୮୦ ହଜାର ଟଙ୍କା ପୋଡ଼ି ଯାଇଛି ବୋଲି ଘର ମାଲିକ ସୁକାନ୍ତ ମଳିକ ବୋହୂ ମାମିନା ମଳିକ କହିଛନ୍ତି । ସୂଚନା ଅନୁଯାୟୀ, ଅତାଖଣ୍ଡ ଗ୍ରାମ ଦଳିତ ସାହିର ସୁକାନ୍ତଙ୍କ ପରିବାର ଲୋକେ ସବୁଦିନ ଭଳି ଶନିବାର ସକାଳୁ ନିଜ ନିଜ କାମରେ ବାହାରକୁ ଯାଇଥିଲେ। ତାଙ୍କ ବୋହୂ ମାମିନା ଗ୍ୟାସ୍‌ଚୁଲାରେ ରୁଟି କରୁଥିଲେ । ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ମାମିନା ରୋଷେଇ ଘରୁ ଦୌଡ଼ି ପଳାଇ ଆସିଥିଲେ । ଗାଁ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁକିଛି ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ନରସିଂହପୁର ସରପଞ୍ଚ ଦିପ୍ତିମୟୀ ପରିଡ଼ା ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ,ପାଲ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହି ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

# ଓଲଟିଲା ଯାତ୍ରୀବାହୀ ବସ୍,୧୦ ଯାତ୍ରୀ ଆହତ

ପଟ୍ଟାମୁଣ୍ଡାଇ,୨୧।୧୨(କଳ୍ପତରୁ ନାୟକ)

ଯାତ୍ରୀମାନଙ୍କୁ ନେଇ ମହାକାଳପଡ଼ା ଜମ୍ବୁ ଅଭିମୁଖେ ଯାଉଥିବା 'ଉମାଶଙ୍କର' ନାମକ ଯାତ୍ରୀବାହୀ ବସ(ନଂ.ଓଜି୨୯-୮୮୬୬) ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥିନା ବଟପଡା ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡିଛି। ଏହି ଦୁର୍ଘଟଣାରେ ପ୍ରାୟ ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି । ସ୍ଥାନୀୟ ଗ୍ରାମବାସୀ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲା ଡାକ୍ତରଖାନା ପଠାଇଛନ୍ତି। ଦୁର୍ଘଟଣା ଘଟାଇବା ପରେ ବସ୍ ଚାଳକ ଓ ହେଲପର ଫେରାର ହୋଇଯାଇଛନ୍ତି । ପୋଲିସ ପହଞ୍ଚି ତନାଘନା ଚଳାଇଛି । କେନ୍ଦ୍ରାପଡ଼ାରୁ ଉକ୍ତ ବସ୍ ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ୨୫ ଜଣ ଯାତ୍ରୀଙ୍କୁ ନେଇ ମାଳିବାସା ଦେଇ ଜମ୍ବୁ ଅଭିମୁଖେ ଯାଉଥିଲା । ସନ୍ଧ୍ୟା ସାଢେ ୬ଟାରେ ବଡ଼ପଡ଼ା ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା।

# ସୁନାମି ପ୍ରସ୍ତୁତି ଗାଁର ସ୍ଥିତି ପରଖିଲେ ୟୁନେସ୍କୋର ପ୍ରତିନିଧି ଦଳ

ରାଜନଗର,୨୧।୧୨(ଭାସ୍କର ରାଉତରାୟ)

ସୁନାମୀ ପ୍ରସ୍ତୁତ (ସୁନାମୀ ରେଡ଼ି) ଗ୍ରାମ ଭାବେ ସ୍ୱୀକୃତିପ୍ରାପ୍ତ ରାଜନଗର ବ୍ଲକର କଇଥାକୁ ଶନିବାର ଅନ୍ତର୍ଜାତୀୟ ଅନୁଷ୍ଠାନ ୟୁନେସ୍କୋର ଅଧିକାରୀ, ଜାତୀୟ ସୁନାମୀ ନିରୀକ୍ଷଣ ଅନୁଷ୍ଠାନ INCOIS ଓ ଜାତୀୟ ଗଣମାଧ୍ୟମ ପ୍ରତିନିଧିଗଣ ଗସ୍ତ କରିଥିଲେ ।

ସେମାନେ ଗ୍ରାମର ଶିଶୁ, କିଶୋର, ମହିଳା ଓ ଗ୍ରାମବାସୀଙ୍କ ସହିତ ସୁନାମୀ ସମ୍ବନ୍ଧୀୟ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହିତ କି ପଦକ୍ଷେପ ଗ୍ରହଣ କରାଯାଇଛି ଦେଖିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ସମସ୍ତ ଗ୍ରାମବାସୀ ଦୀର୍ଘ ସମୟ ଉପସ୍ଥିତ ରହି ଗ୍ରାମର ସୁନାମୀ ସମ୍ପର୍କିତ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ସୁନାମୀ ଆସିଲେ କିପରି ପରିପାଙ୍ଗରା ବାତ୍ୟା ଆଶ୍ରୟସ୍ଥଳୀରେ ପହଞ୍ଚିବେ ତାହା ଜଣାଇଥିଲେ। ନେଚର୍ସ କ୍ଲବ୍ ସହଯୋଗରେ କଇଥା ଗ୍ରାମ ନିଜକୁ ସୁନାମୀ ରେଡ଼ି କରିପାରିଛି ଏହା ଗ୍ରାମବାସୀ ପ୍ରତିନିଧି ଦଳକୁ ଅବଗତ କରାଇଥିଲେ । ସୁନାମୀ ରେଡ଼ି ଗ୍ରାମ ଭାବେ ଅନ୍ତର୍ଜାତୀୟ ପ୍ରମାଣପତ୍ର ଆନୁଷ୍ଠାନିକ ଭାବେ ଗ୍ରହଣ କରିବା ପାଇଁ ଗ୍ରାମ ତରଫରୁ ହାତିନା ସରପଞ୍ଚ ସମୀର ସେଠୀ ଏବଂ ଡେରା ସରପଞ୍ଚ ନିରଞ୍ଜନ ରାଉତ ଆସନ୍ତା ୨୬ରେ ୨୦୦୪ ସୁନାମୀର ୨୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ପାଇଁ ହାଇଦ୍ରାବାଦ ଗସ୍ତ କରିବେ ।

ସୂଚନାଯୋଗ୍ୟ ଏହି ସୁନାମୀ ପ୍ରସ୍ତୁତି ନିମନ୍ତେ ନେଚର୍ସ କ୍ଲବର ବରିଷ୍ଠ ଉପଦେଷ୍ଟା ବିରଜା ପ୍ରସାଦ ପତି ଏବଂ ECRICC କାର୍ଯ୍ୟକ୍ରମ ଅଧୀନ ସ୍ଥାନୀୟ ସଂଯୋଜକ ରଶ୍ମିତା, ନର୍ମଦା ଏବଂ Climate Champion ମମତା ସାହୁ, ମାମା ସ୍ୱାଇଁ, ଝରଣା ପରିଡ଼ା ଏବଂ ସୁପ୍ରିୟା ସାହୁ ଦାୟିତ୍ୱ ନିର୍ବାହ କରିଥିଲେ । ଜିଲା ଜରୁରୀକାଳୀନ ଅଧିକାରୀ ସନ୍ତୋଷ ବେହୁରା ଏହାର ପରିଚାଳନା କରିଥିଲେ ।



ସୁନାମି ପ୍ରସ୍ତୁତି ଗାଁର ଲୋକଙ୍କ ସହ ଆଲୋଚନା କରୁଛନ୍ତି ୟୁନେସ୍କୋର ପ୍ରତିନିଧି ଦଳ ।

# ଜେଲ ଗଲେ ବାନ୍ଧବୀ ସମେତ ୩ ଅଭିଯୁକ୍ତ

**କାଙ୍ଗାଲୀ ଜଙ୍ଗଲରେ ଅଚିହ୍ନା ମହିଳାଙ୍କ ହତ୍ୟା ଘଟଣା**

- ୨ଜଣ ପୁରୁଷଙ୍କ ସହ ମିଶି ବାନ୍ଧବୀଙ୍କୁ ହତ୍ୟା କରାଯାଇଥିଲା
- ସୁନା ଅଲଙ୍କାର ଓ ଟଙ୍କା ସୁକାନ୍ତି ପାଇଁ କାଳ ହେଲା

ନୟାଗଡ଼,୨୧।୧୨(ଲୋକନାଥ ମିଶ୍ର)


ଗିରଫ ୩ ଅଭିଯୁକ୍ତ , ଜବତ ଛୁରି ଓ ହାର।

ନୟାଗଡ଼ ପୋଲିସ ଜିଲା ବାଣୀଗୋଛା ଥାନା କୁଜାମେଣ୍ଢି ପଞ୍ଚାୟତ କୁଜାମେଣ୍ଢି ଓ ବଣିଗାଁର ମଧ୍ୟବର୍ତ୍ତୀ ନିଛାଟିଆ ଜଙ୍ଗଲିଆ ଅଞ୍ଚଳ ଗଙ୍ଗାଡିହ ଗ୍ରାମ ନିକଟସ୍ଥ କାଙ୍ଗାଲୀ ଜଙ୍ଗଲରେ ଜଣେ ଅଚିହ୍ନା ମହିଳାଙ୍କୁ ହତ୍ୟା କରାଯିବା ଘଟଣାର ଗୁମର ଫିଟିଛି। ମୃତକଙ୍କ ବାନ୍ଧବୀ ୨ପୁରୁଷ ଲୋକଙ୍କ ସହଯୋଗରେ ତାଙ୍କୁ ହତ୍ୟା କରି ଜଙ୍ଗଲରେ ଫୋପାଡ଼ି ଦେଇଥିଲେ। ଏହି ଘଟଣାରେ ପୋଲିସ ଚକାପାଦ ଥାନା ତୋଟାଗଡା ଗାଁର ସୁବାସିନୀ ବେହେରା(୪୪), ସେହି ଗାଁର ଦିଲୀପ କୁମାର ବେହେରା (୩୮) ଓ ବାଣିଗୋଛା ଥାନା ଦାସନିପଡା ଗାଁର ପ୍ରଦୀପ ନାଇକ ଓରଫ ମାଟୁ(୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ୩ ଅଭିଯୁକ୍ତଙ୍କୁ ଦଶପଲ୍ଲା ଜେଲକୁ ଯିବାକୁ ପଡିଛି ବୋଲି ନୟାଗଡ଼ ଏସ୍‌ପିଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛନ୍ତି।

ଅତିରିକ୍ତ ଏସ୍‌ପିଙ୍କ ସୂଚନା ଅନୁଯାୟୀ, ବାଣିଗୋଛା ଥାନା କାଙ୍ଗାଲୀ ଜଙ୍ଗଲରୁ ଗତ ୧୨ ତାରିଖରେ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ଜବତ କରାଯାଇଥିଲା। ବାଣୀଗାଁର ପଙ୍କଜ ପୃଷ୍ଟି ଓ ବସନ୍ତ ନାୟକଙ୍କଠାରୁ ଏହି ଖବରପାଇ ପୋଲିସ ସେହିଦିନ ମୃତଦେହ ଜବତ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ ପରେ ଏହା ଏକ ହତ୍ୟାକାଣ୍ଡ ଜାଣିବା ପରେ ପୋଲିସ ମାମଲା(ନଂ.୧୩୧/୨୪)ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଗତ ୧୪ ତାରିଖରେ ସମ୍ପୃକ୍ତା ମହିଳାଙ୍କ ପରିଚୟ ଜଣାପଡିଥିଲା। ମୃତ ମହିଳା ହେଲେ କନ୍ଧମାଳ ଜିଲା ଚକାପାଦ ଥାନା ତୋଟାଗଡ଼ା ଗ୍ରାମର ଅଭିମନ୍ୟୁ ବେହେରାଙ୍କ ଝିଅ ସୁକାନ୍ତୀ(୫୭)। ଚିହ୍ନଟ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ସୁକାନ୍ତୀଙ୍କ ସାନ ଭଉଣୀ ଭଞ୍ଜନଗରରେ ଶିକ୍ଷକତା କରୁଛନ୍ତି। ତାଙ୍କ ନିକଟକୁ ସୁକାନ୍ତୀ ଯାଉଥିବା କହି ଗତ ୧୧ ତାରିଖ ଦିନ ସେ ଘରୁ ବାହାରିଥିଲେ। ତେବେ ତୋଟାଗଡ଼ା ଗାଁର ସୁବାସିନୀ ବେହେରା ସୁକାନ୍ତୀଙ୍କ ଘନିଷ୍ଠ ବନ୍ଧୁ। ଉଭୟେ ସାଙ୍ଗ ହୋଇ ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଇଥାଆନ୍ତି। ସୁକାନ୍ତୀଙ୍କ ବାପା ମରି ଯାଇଥିବାରୁ ପେନଶନ ଟଙ୍କା ସେ ରଖୁଥିଲେ। ସୁକାନ୍ତୀଙ୍କଠାରୁ ସୁବାସିନୀ କିଛି ଟଙ୍କା ସୁଧକୁ ନେଇଥିଲେ। ସୁକାନ୍ତୀଙ୍କଠାରୁ ନେଇଥିବା ଟଙ୍କା ସୁବାସିନୀ ଫେରାଇ ନ ଥିଲେ । ଏପରି କି ସୁକାନ୍ତୀ ରଖିଥିବା ଟଙ୍କା ଓ ପିନ୍ଧିଥିବା ସୁନା ଅଳଙ୍କାରର ଲୋଭ ସୁବାସିନୀଙ୍କୁ ଘାରିଥିଲା । ଏଥିପାଇଁ ସେ ଏକ ପ୍ଲାନ କରିଥିଲେ। ସୁକାନ୍ତୀଙ୍କୁ ହତ୍ୟା କରିବା ପାଇଁ ନିଜ ଗାଁର ଦିଲୀପ ଓ ତାଙ୍କ ଶାଳକ ପ୍ରଦୀପଙ୍କ ସହାୟତା ନେଇଥିଲେ। ଯୋଜନା ମୁତାବକ ସୁବାସିନୀ କୁଜାମେଣ୍ଢି ଗାଁକୁ ବସ୍‌ରେ ଆସିଥିଲେ। ପରେ କୁଜାମେଣ୍ଢି ଛକରେ ଓହ୍ଲାଇ କୁଜାମେଣ୍ଢି ଛକକୁ ଆସିବାକୁ ସୁକାନ୍ତୀଙ୍କ ପାଇଁ ଅଟୋ ପଠାଇଥିଲେ। ସୁକାନ୍ତୀ ଅଟୋରେ କୁଜାମେଣ୍ଢି ଛକକୁ ଆସିବା ପରେ ଦୁଇ ବାନ୍ଧବୀ ଓଡ଼ମ୍ବା ଗାଁ ଛକ ଆଡକୁ ଯାଇଥିଲେ। ପରେ ଗଙ୍ଗଡିହ ଜଙ୍ଗଲରେ ପହଞ୍ଚିବା ପରେ ପୂର୍ବରୁ ଅପେକ୍ଷା କରିଥିବା ଦିଲୀପ ଓ ପ୍ରଦୀପଙ୍କ ସହାୟତାରେ ସୁବାସିନୀ ସୁକାନ୍ତୀଙ୍କୁ ଛୁରି ଭୁସି ହତ୍ୟା କରିଥିଲେ।

୩ ଅଭିଯୁକ୍ତ ହତ୍ୟାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି। ଅଭିଯୁକ୍ତଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଜବତ ହୋଇଛି। ସେହିପରି ସୁକାନ୍ତୀ ପିନ୍ଧିଥିବା ସୁନାହାର ଜବତ କରାଯାଇଛି। ସୁନା ହାରକୁ ସୁବାସିନୀ ନେଇ ଯାଇଥିଲେ। ତେବେ ସୁକାନ୍ତୀ ପିନ୍ଧିଥିବା ଚେନ୍ ଅଭିଯୁକ୍ତମାନେ କ'ଣ କଲେ ଜଣାପଡିନି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସନାତନ କାଲୋ, ବାଣିଗୋଛା ଥାନାର ତଦନ୍ତକାରୀ ଅଧିକାରୀ ବିନୟ ରଞ୍ଜନ ପରିଡ଼ା ଉପସ୍ଥିତ ଥିଲେ।


@ ଚିନ୍ମୟ


@ ହିମାଂଶୁ


@ ପିଣ୍ଟୁ


@ ରମେଶ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲଗାଣ ବର୍ଷାରେ ଧାନଫସଲ ନଷ୍ଟ

ଶରଣକୁଳ,୨୧।୧୨(ଦୀପକ କର)

ଲଗାଣ ବର୍ଷା ପ୍ରଭାବରେ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି । ନୟାଗଡ଼ ଜିଲା ଶରଣକୁଳ ଏବଂ ପାର୍ଶ୍ୱବର୍ତ୍ତୀ ହରିହରପୁର, ଗୋଡ଼ିପଲ୍ଲୀ ଆଦିଗ୍ରାମ ସମେତ ୧୮ ପଞ୍ଚାୟତରେ ଲଗାଣ ବର୍ଷା ଯୋଗୁ ଧାନ ଫସଲ ପାଣିରେ ଭାସୁଛି । ଏଥିରେ ଚାଷୀମାନେ ଆଶାତୀତ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ନୟାଗଡ଼ ଜିଲାର ଦ୍ୱିତୀୟ ବଡ଼ ଗହୀର ରୂପେ ପରିଚିତ ଶରଣକୁଳ ଅଞ୍ଚଳର ଚିନାମାଳି ଗହୀର ଓ ଗୋଡ଼ିପଲ୍ଲୀ, ହରିହରପୁର, କରଡ଼ା, ଚଢ଼େୟାପଲ୍ଲୀ, ମାନପୁର ଆଦି ଗ୍ରାମର ଚାଷୀମାନେ ନିର୍ଭର କରୁଥିବା ଗହୀରରେ ଧାନକଟା ଚାଲିଥିବା ବେଳେ ବର୍ଷା ଯୋଗୁ ପାଣିରେ କଟାଧାନ ଭାସୁଛି । କଟାହୋଇ ନ ଥିବା ଧାନ ବିଲରେ ପାଣି ପଶି ଧାନସବୁ ମାଟିରେ ମିଶିଯାଇଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଭଲ ଧାନ ଫସଲ ହୋଇଥିବାରୁ ବେଶ ଦୁଇପଇସା ପାଇବେ ବୋଲି ଚାଷୀମାନେ ଆଶାବାନ୍ଧି ରହିଛନ୍ତି । ଏ ଲଗାଣ ବର୍ଷା ସେମାନଙ୍କ ଆଶାଆକାଂକ୍ଷା ଉପରେ ପାଣି ଢାଳି ଦେଇଛି। ଏହା ପ୍ରଭାବରେ ଧାନଫସଲ ନଷ୍ଟ ହୋଇ ଯାଇଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷୀମାନେ ଧାରକରଜ କରିବା ସହିତ ପରିଶ୍ରମ କରି ଧାନ ଫସଲ କରିଥିଲେ। ବର୍ଷା ଯୋଗୁ ଧାନ ଭାସି ଯାଇଛି, ଯାହା ଖଳାକୁ ଆଣିବା ଯୋଗ୍ୟ ରହିନାହିଁ। ଯାହା ବଞ୍ଚିଛି ବର୍ଷା ଲାଗି ରହିଥିବାରୁ ଧାନ ସଂଗ୍ରହ କରିବା ଚାଷୀମାନଙ୍କ କ୍ଷେତ୍ରରେ ଅସମ୍ଭବ ହୋଇପଡିଛି। ଏ ପରିସ୍ଥିତି ସମ୍ପର୍କରେ ହରିହରପୁର ଗ୍ରାମର ଅଭିମନ୍ୟୁ ନାୟକ, କୀର୍ତ୍ତନ ନାୟକ ଓ ବୈଦ୍ୟନାଥ ବରାଡ଼ଙ୍କୁ ପଚାରିବାରେ ସେମାନେ ହତାଶ ହୋଇ ଧାନଫସଲ ପାଇଁ ସୁନାବନ୍ଧକ ରଖି କରଜ ଆଣିଥିବା ଟଙ୍କା କିପରି ଶୁଝିବୁ ବୋଲି କାନ୍ଦକାନ୍ଦ ହୋଇ ପ୍ରକାଶ କରିଥିଲେ। ସରକାରଙ୍କ ତରଫରୁ ଧାନଚାଷୀମାନଙ୍କୁ ସହାୟତା ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


ନୟାଗଡ଼ ରାସ୍ତା ପାର୍ଶ୍ୱରେ ବର୍ଷାରେ ଭିଜୁଥିବା ଧାନଗଦା।

# ବିଲରେ ଗଜାହେଲା ପାଚିଲା ଧାନ


ବର୍ଷା ପାଣିରେ ବୁଡ଼ି ରହିଥିବା ପାଚିଲା ଧାନ ଫସଲ।

ରଣପୁର,୨୧।୧୨(ସୁକାନ୍ତ କିଶୋର ଡାକୁଆ)

**ଚାଷୀଙ୍କୁ ଦୁଃଖ ଦେଲା ଅଦିନିଆ ବର୍ଷା**

ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଅଦିନିଆ ବର୍ଷା ଚାଷୀ ମୁଣ୍ଡରେ ଚଡ଼କ ପକାଇଛି। ଧାର କରଜ କରି ଚାଷୀ ଯେଉଁ ଫସଲକୁ ଫଳାଇ ଥିଲା ତାହା ଏବେ ବର୍ଷା ପାଣିରେ ଭାସୁଛି । ଏପରି କି ପାଚିଲା ଧାନ ଫସଲ ଗଜା ହେବାରେ ଲାଗିଛି ।

ନୟାଗଡ଼ ଜିଲା ରଣପୁର ବ୍ଲକର ୩୭ଟି ପଞ୍ଚାୟତ ସହିତ ବିଜ୍ଞାପିତ ଅଞ୍ଚଳରେ ପ୍ରାୟ ୨୦ହଜାର ୨୯୭ ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା। ଧାନ ଭଲ ହୋଇଥିବାରୁ ଚାଷୀ ମନରେ ଖୁସିର ଲହରୀ ଖେଳି ଯାଇଥିଲା । ହେଲେ ଦାଉ ସାଧିଛି ଅଦିନିଆ ବର୍ଷା । ଶୁକ୍ରବାର ସକାଳୁ ଲାଗି ରହିଥିବା ଝିପି ଝିପି ବର୍ଷା ଚାଷୀ କୁଳର ନିଦ ହଜାଇ ଦେଇଛି । କେଉଁଠି ଧାନ କଟା ଯାଇ ବିଲରେ ପଡିଥିଲା ତ ପୁଣି କୋଉଠି ଧାନ କଟା ହୋଇ ଗଦା କରାଯାଇ ରଖା ଯାଇଥିଲା। ପୁଣି ବିଲରେ ଥିବା ଧାନ ଗଛ କଟା ଯାଇ ନ ଥିବାରୁ ସେଗୁଡାକ ବିଲରେ ଶୋଇ ପଡିଛି। ଏଭଳି ପରସ୍ଥିତିରେ ଚାଷୀର ସବୁ ଆଶା ଧୂଳିସାତ ହୋଇଛି । ଚାଷୀମାନେ କିଛି ଦିନ ହେବ ଧାନ କଟା ଆରମ୍ଭ କରିଥିଲେ। ହେଲେ ବର୍ଷା ଯୋଗୁ କଟା ଯାଇଥିବା ଧାନ ବିଲରେ ଗଜା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏପରି କି ଆଉ ୨୪ଘଣ୍ଟା ଯଦି ବର୍ଷ ଲାଗି ରହେ ବିଲରୁ ଧାନ ଉଠାଇବା ଚାଷୀଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ବହୁ ଚାଷୀ କହିଛନ୍ତି । ଏନେଇ ମହତପଲ୍ଲା ବନ୍ଧ ଅଞ୍ଚଳର ଚାଷୀ ସର୍ବେଶ୍ୱର ପ୍ରଧାନ, ସଞ୍ଜୁଲତା ଜେନା, ଭରତ ମାଝୀ, ସୁଦାମ ଚରଣ ମାଝୀ ପ୍ରମୁଖ କୁହନ୍ତି, ଅଦିନିଆ ବର୍ଷା ଯୋଗୁ ଆମେ ଏଥର ବ୍ୟାପକ କ୍ଷତି ସହିବୁ । ବର୍ଷ ଲାଗି ରହିଥିବାରୁ ବିଲରେ ପାଚିଲା ଧାନ ଗଜା ହେବାକୁ ବସିଲାଣି । ସରକାର ଏହାକୁ ଅନୁଧ୍ୟାନ କରି ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ ।

# ଅଦିନିଆ ବର୍ଷାରେ ଉଜୁଡ଼ିଲା ଧାନ ଫସଲ

ନୂଆଗାଁ,୨୧।୧୨(ଧନେଶ୍ୱର ସାହୁ)

ଶୁକ୍ରବାରଠାରୁ ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ଅଞ୍ଚଳରେ ଅଦିନିଆ ବର୍ଷା ଲାଗି ରହିଛି । ଏଥିଯୋଗୁ ଚାଷୀ ବହୁ ପରିଶ୍ରମ କରି କରିଥିବା ପାଚିଲା ଧାନ ଫସଲ ଉଜୁଡି ଯାଇଛି । ଫସଲ କାଟି ଘରକୁ ଆଣିବା ପାଇଁ ଚାଷୀ ପ୍ରସ୍ତୁତ ଚଳାଇଥିବା ବେଳେ ଏହି ବର୍ଷା କାଳ ସାଜିଛି । ଅନେକ ବିଲରେ ଧାନ କଟା ହୋଇ ପଡିଛି । ଆଉ କିଛି ବିଲରେ ଧାନ ବିଡ଼ା ଥୁଆ ହୋଇଛି । ଅଧିକାଂଶ ବିଲରେ ଧାନ କଟା ନ ହୋଇ ପଡି ରହିଥିବା ବେଳେ ତା'ଉପରେ ବର୍ଷା ପାଣିର ସୁଅ ଛୁଟିଛି । ଧାନ ଫସଲର ଏପରି ସ୍ଥିତି ଦେଖି ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ଲଗାଣ ବର୍ଷା ହେବା ଫଳରେ ଚାଷୀ ଫସଲରୁ ଲାଭ ପାଇବା ତ'ଦୂରର କଥା ବୁଣିଥିବା ବିହନର ପାରିଶ୍ରମିକ ମଧ୍ୟ ହରେଇ ବସିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଅନୁରୂପ ଭାବେ ଅନ୍ୟାନ୍ୟ ଫସଲ ମଧ୍ୟ ନଷ୍ଟ ହୋଇ ଯାଇଛି । ଚାଷୀ କୂଳର କ୍ଷତି ପୂରଣ ପାଇଁ ସରକାର ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି ।


ପାଣିରେ ଭାସୁଛି ଧାନ ଫସଲ।

# ଲଗାଣ ବର୍ଷାରେ ଧାନଫସଲ କ୍ଷତିଗ୍ରସ୍ତ

ଦଶପଲ୍ଲା,୨୧।୧୨ (ପ୍ରକାଶ କୁମାର ପାଣି)

ଦୁଇ ଦିନ ଧରି ଲଗାଣ ବର୍ଷା ରେ ବ୍ୟାପକ ଧାନଫସଲ ନଷ୍ଟ ହୋଇଥିବା ଆଶଙ୍କା ଦେଖାଦେଇଛି। ଦଶପଲ୍ଲା ବ୍ଲକର କେତେକ ଅଞ୍ଚଳରେ ଧାନ କଟା ହୋଇ ନ ଥିବା ବେଳେ କେତେଜଣ ଚାଷୀ ଧାନ କାଟି ଅମଳ ନିମନ୍ତେ ଖଳାରେ ରଖିଥିଲେ । ସେଗୁଡ଼ିକ ବିଭିନ୍ନ ସ୍ଥାନରେ ଗଦା କରି ରଖାଯାଇଛି। ଏପରି ସ୍ଥଳରେ ଅଦିନିଆ ବର୍ଷା ଯୋଗୁ ଧାନଫସଲ ନଷ୍ଟ ହୋଇଛି । କେତେଜଣ ଚାଷୀ ବିଲରେ ଧାନ କାଟି ଗଦା କରି ରଖିଥିବା ବେଳେ ବର୍ଷା ଯୋଗୁ ଆଣି ପାରି ନାହାନ୍ତି। ବିଲରେ ପାଣି ଜମା ହେବାରୁ ତାହା ଗଜା ହୋଇଯିବାର ଆଶଙ୍କା ଦେଖାଦେଇଛି। ଅନ୍ୟପକ୍ଷେ ଧାନ ଝରିପଡିଥିବା ଦେଖିବାକୁ ମିଳିଛି । ଏପରି ସ୍ଥଳରେ ଚାଷୀ କ୍ଷତିଗ୍ରସ୍ତ ହେବାସହ ଚିନ୍ତିତ ହୋଇପଡିଛନ୍ତି। କୃଷି ବିଭାଗ ତରଫରୁ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି ।

# ସୁନାରେ ଶ୍ରୀପୟର ଲାଗି ହେବେ ଶ୍ରୀନୀଳମାଧବ

**ପୌଷ ପୂର୍ଣ୍ଣିମୀ ପୂର୍ବରୁ ଶ୍ରୀପୟର ନିର୍ମାଣ ପାଇଁ ପଦକ୍ଷେପ**

ଖଣ୍ଡପଡ଼ା,୨୧।୧୨(ଅଜୟ କୁମାର ମହାରଣା)



ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବେ ପରିଚିତ ଶ୍ରୀନୀଳମାଧବଙ୍କ ଶ୍ରୀପୟର(ଦୁଇ ପାଦ) ସୁବର୍ଣ୍ଣରେ ନିର୍ମିତ କରାଯିବା ପାଇଁ ନୀଳମାଧବ ପୂଜକ ସମାଜ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୨୫ ଜାନୁଆରୀ ୧୩ରେ ଶ୍ରୀଜୀଉଙ୍କ ସୁନାବେଶ ଅବସରରେ ଏହି ସୁନାର ଶ୍ରୀପୟର ଲାଗି ହେବାର ପ୍ରୟାସ ଜାରି ରହିଥିବା ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆଙ୍କଠାରୁ ସୂଚନା ମିଳିଛି । ଏହି ଶ୍ରୀପୟର ନିର୍ମାଣରେ ପ୍ରାୟ ଏକ କିଲୋ ଓଜନର ସୁନା ଆବଶ୍ୟକ ପଡୁଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୮୮ଲକ୍ଷ ଟଙ୍କା ବ୍ୟୟ ହେବ କରାଯିବ । ଉକ୍ତ ସୁନାର ଶ୍ରୀପୟର ନିର୍ମାଣ ଦାୟିତ୍ୱ ଭୁବନେଶ୍ୱର ସହୀଦନଗରସ୍ଥିତ ସ୍ମାଇଲ ଗୋଲଡ ନେଇଥିବା ବେଳେ ତାଙ୍କୁ ଏହାର ଅର୍ଦ୍ଧେକ ମୂଲ୍ୟ ୫୫ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ପ୍ରଦାନ କରାଯାଇଥିବା ଛତ୍ରିଆ ସୂଚନା ଦେଇଛନ୍ତି ।

ଏ ପରିପ୍ରେକ୍ଷୀରେ ଶୁକ୍ରବାର ନୀଳମାଧବ ପୂଜକ ସମାଜର ସଭାପତି ସୀମାଞ୍ଚଳ ମିଶ୍ର, ସମ୍ପାଦକ ପ୍ରଶାନ୍ତ ମିଶ୍ର, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର, ଉପଦେଷ୍ଟା ନିହାର ରଞ୍ଜନ ମିଶ୍ର, ସଦସ୍ୟ ଶ୍ରବଣରାମ ମିଶ୍ର, ରାଶେଶ୍ୱର ମିଶ୍ର, ରାମେଶ୍ୱର ମିଶ୍ରଙ୍କ ସମେତ ସମସ୍ତ କମିଟି ସଦସ୍ୟ ଓ ସେବାୟୀମାନେ ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆଙ୍କ ସହ ସମ୍ପୃକ୍ତ କାରିଗରଙ୍କୁ ଭେଟି ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଏହି ଶ୍ରୀ ପୟରକୁ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ଠାକୁରଙ୍କ ଏହି ମହାନ କାର୍ଯ୍ୟ ପାଇ କେହି ବଦାନ୍ୟ ବ୍ୟକ୍ତି ସହାୟତା ରାଶି ପ୍ରଦାନ କରିବାକୁ ଇଚ୍ଛା କରୁଥିଲେ ଖଣ୍ଡପଡା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାରଙ୍କୁ ପ୍ରଦାନ କରିବାକୁ ପୂଜକ ସମାଜ ପକ୍ଷରୁ ନିବେଦନ କରାଯାଇଛି ।

# ୨୪ରୁ ନୟାଗଡ଼ ମହୋତ୍ସବ

- ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ମହୋତ୍ସବରେ ପଡିବ ୩୧୩ ଷ୍ଟଲ

ନୟାଗଡ଼,୨୧।୧୨(ଲୋକନାଥ ମିଶ୍ର)


ଖବରଦାତା ସମ୍ମିଳନରେ ଜିଲାପାଳ ଓ ପ୍ରଶାସନିକ ଅଧିକାରୀ।

ନୟାଗଡ଼ ମହୋତ୍ସବ ଚଳିତ ମାସ ୨୪ରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହାକୁ ନେଇ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜନ କରାଯାଇଥିଲା । ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ଏସ୍‌ପି ଏସ୍ ସୁଶ୍ରୀ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜିଲା ମହୋତ୍ସବକୁ ଉଦ୍‌ଘାଟନ କରିବେ। ଅତିଥି ଚୟନ କାର୍ଯ୍ୟ ଚାଲୁ ରହିଥିବାରୁ ମହୋତ୍ସବ କାର୍ଡ ହୋଇ ନ ଥିବା କହିଥିଲେ। ଜିଲାପାଳଙ୍କ ସୂଚନା ଅନୁଯାୟୀ, ମହୋତ୍ସବରେ ୩୧୩ ଷ୍ଟଲ ପଡିବ। ଏଥିରୁ ଓର୍‌ମାସ ପକ୍ଷରୁ ୧୧୬ ଷ୍ଟଲ, ପୁସ୍ତକମେଳା ପାଇଁ ୨୦ ଷ୍ଟଲ, କୃଷି ଯନ୍ତ୍ରପାତି ମେଳା ପାଇଁ ୬୦ ଷ୍ଟଲ, ଖାଦ୍ୟ ଷ୍ଟଲ ୫୦ଟି, ମିଶନ ଶକ୍ତି ପାଇଁ ୨୦ ଷ୍ଟଲ, ହସ୍ତଶିଳ୍ପ ପାଇଁ ୧୦ ଷ୍ଟଲ, ପୋଲିସ, ଅଗ୍ନିଶମ ବିଭାଗ ଓ ମେଡିକାଲ ପାଇଁ ୬ ଷ୍ଟଲ, ବିଭିନ୍ନ ବିଭାଗ ପାଇଁ ୨୪ ଷ୍ଟଲ ଓ ବିଜ୍ଞାପନ ପାଇଁ ୭ଟି ଷ୍ଟଲ ରହିବ। ଜଗନ୍ନାଥ ମନ୍ଦିରଠାରୁ ଷ୍ଟାଡିୟମ ପଡ଼ିଆ ଏବଂ ପିଟିଏସ୍ ରାସ୍ତାରୁ ଷ୍ଟାଡିୟମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଓ ଆଲୋକକୀକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି । ପୋଲିସ ଓ ଗୃହରକ୍ଷୀ ବାହିନୀ ଆଇନଶୃଙ୍ଖଳା ପାଇଁ ଜଗନ୍ନାଥ ମନ୍ଦିରଠାରୁ ପିଟିଏସ୍ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ମୁତୟନ ହେବେ। ଚଳିତ ବର୍ଷ ପ୍ରାୟ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏହି ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଉପଜିଲାପାଳ କଣ୍ଠଦେବ ସମାଦାର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ।

